ଟିପ୍ପଣୀ

# ଏକକ-୧୦: ଆକଳନ (ମୂଲ୍ୟାଙ୍କନ)

## ସଂରଚନା


୧୦.୦ - ଉପକ୍ରମ

୧୦.୧ - ଶିକ୍ଷଣ ଉଦ୍ଦେଶ୍ୟ

୧୦.୨ - ଆକଳନର ପ୍ରଚଳିତ ପଦ୍ଧତି

୧୦.୩ - ଆକଳନର ଆବଶ୍ୟକତା

୧୦.୪ - ଭାଷା ଆକଳନର ବିଭିନ୍ନ ଦିଗ

- ୧୦.୪.୧- ଶ୍ରବଣ ଏବଂ କଥନ
- ୧୦.୪.୨- ଲିଖନ
- ୧୦.୪.୩- ଅଭିବ୍ୟକ୍ତି

୧୦.୫ - ଭାଷା ଆକଳନର ପଦ୍ଧତି

- ୧୦.୫.୧- ମୌଖିକ ପରୀକ୍ଷା
- ୧୦.୫.୨- ପର୍ଯ୍ୟବେକ୍ଷଣ
- ୧୦.୫.୩- ଲିଖିତ ପରୀକ୍ଷା

୧୦.୬ - ଗଦ୍ୟ, ପଦ୍ୟ ଏବଂ ନାଟକ ଆକଳନ ନିମନ୍ତେ ବିଭିନ୍ନ କ୍ରିୟାକଳାପ

- ୧୦.୬.୧- ପଦ୍ୟ
- ୧୦.୬.୨- ଗଦ୍ୟ
- ୧୦.୬.୩ - ନାଟକ

୧୦.୭ - ସାରାଂଶ

୧୦.୮ - ପଠନ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧୦.୯ - ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧୦.୦- ଉପକ୍ରମ

ଏହି ଅଧ୍ୟାୟରେ ଆମେ ଶ୍ରେଣୀରେ ଭାଷା ଶିକ୍ଷଣର ଆକଳନ କିପରି କରିବାକୁ ହୁଏ, ତାହା ବୁଝିବା ପାଇଁ ଚେଷ୍ଟା କରିବା । ଆକଳନ ବା ମୂଲ୍ୟାଙ୍କନ ନିର୍ଦ୍ଧାରଣ କ'ଣ ଏବଂ ଏହାର ଉପାଦାନ କ'ଣ ? ଭାଷା ଶିକ୍ଷଣରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ? ଏହି ପାଠରେ ଆମେ ଆକଳନର ପ୍ରଚଳିତ ପଦ୍ଧତି ଅବଲୋକନ କରି ଏହା କିପରି ମୂଲ୍ୟାଙ୍କନର ସାମଗ୍ରିକ ଉଦ୍ଦେଶ୍ୟକୁ ପୂରଣ କରୁଛି ତାହାର ପରୀକ୍ଷଣ କରିବା ।

ଆମେ ମୂଲ୍ୟାଙ୍କନର ବିକଳ୍ପ ପଦ୍ଧତି ସମ୍ବନ୍ଧରେ ଆଲୋଚନା କରିବା ଯାହା ଶିକ୍ଷଣ ପ୍ରତି ଶିଶୁର ବିମୁଖତାର କାରଣ ହେଉ ନ ଥିବ । ମୂଲ୍ୟାଙ୍କନ ପଦ୍ଧତି ଶିଶୁର ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟର ବିକାଶରେ ସହାୟକ ହେବା ଉଚିତ୍ । ମୂଲ୍ୟାଙ୍କନ ପଦ୍ଧତି ଶିଶୁର ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟର ବିକାଶରେ ସହାୟକ ହେବା ଉଚିତ୍ । ମୂଲ୍ୟାଙ୍କନ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ପାଇଁ ସହାୟକ ହୁଏ । ଗଠନମୂଳକ ମୂଲ୍ୟାଙ୍କନ ନିମନ୍ତେ ଆବଶ୍ୟକୀୟ ବିଭିନ୍ନ କ୍ରିୟାକଳାପ ଏବଂ ପ୍ରଶ୍ନାବଳୀ ସମ୍ବନ୍ଧରେ ମଧ୍ୟ ଆମେ ଆଲୋଚନା କରିବା ।

## ୧୦.୧- ଶିକ୍ଷଣ ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିସାରିବା ପରେ ଆପଣ

- ❒ ପ୍ରଚଳିତ ମୂଲ୍ୟାଙ୍କନ ପଦ୍ଧତିର ପରିମାଣ ସମ୍ବନ୍ଧରେ ଅବଗତ ହେବେ ।
- ❒ ମୂଲ୍ୟାଙ୍କନର ଆବଶ୍ୟକତା ବିଷୟରେ ଅବଗତ ହେବେ ।
- ❒ ଭାଷା ଦକ୍ଷତାର ବିଭିନ୍ନ ମୂଲ୍ୟାଙ୍କନ ପ୍ରକ୍ରିୟାଗୁଡ଼ିକୁ ବ୍ୟାଖ୍ୟା କରିପାରିବେ ।

## ୧୦.୨- ପ୍ରଚଳିତ ମୂଲ୍ୟାଙ୍କନ ପଦ୍ଧତି

ପ୍ରଚଳିତ ମୂଲ୍ୟାଙ୍କନ ପଦ୍ଧତି କେତେଦୂର ମୂଲ୍ୟାଙ୍କନର ମୌଳିକ ଉଦ୍ଦେଶ୍ୟକୁ ପୂରଣ କରୁଛି ତାହା ଏକ ପ୍ରଶ୍ନବାଚୀ । ଏହା କ'ଣ ପ୍ରକୃତରେ ଯାହା ମୂଲ୍ୟାଙ୍କନ କରିବା କଥା, ତାହା କରିବାରେ ସହାୟକ ହେଉଛି ? ପ୍ରଚଳିତ ପ୍ରକ୍ରିୟାକୁ ବୁଝିବା ପାଇଁ ଏକ ଭାଷାଶ୍ରେଣୀର ବିଶ୍ଳେଷଣ କରିବା ।

**ଉଦାହରଣ-୧ :**

ଏକ ପ୍ରାଥମିକ ବିଦ୍ୟାଳୟରେ ଜଣେ ଭାଷା ଶିକ୍ଷକ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଏକ ପରୀକ୍ଷା ନେଲେ । ଏହି ପରୀକ୍ଷାରେ ପରିସ୍ଥିତି ସହ ଭାଗୀଦାର ହୋଇଥିବା ଛାତ୍ରଛାତ୍ରୀମାନେ ପୁସ୍ତକରେ ଥିବା ଏକ ଗଳ୍ପ କହିଲେ । ଶ୍ରେଣୀରେ ସମୁଦାୟ ୩୦ ଜଣ ଶିକ୍ଷାର୍ଥୀ ଥିଲେ । ମୟଙ୍କ ନାମକ ଜଣେ ଛାତ୍ର ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାର୍ଥୀ ଗଳ୍ପ କଥନରେ ସମର୍ଥ ହେଲେ । ସର୍ବାଧିକ ଛାତ୍ରଛାତ୍ରୀ ସମୁଦାୟ ୧୦ରୁ ୬ ଅଙ୍କ ପାଇବାରେ ସମର୍ଥ ହେଲେ । ପ୍ରକୃତି ନାମକ ଜଣେ ଛାତ୍ରୀ ୮ ଅଙ୍କ ପାଇଥିବା ବେଳେ ମୟଙ୍କ ମାତ୍ର ୨ ଅଙ୍କ ପାଇଥିଲେ । ଯେତେବେଳେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ମୟଙ୍କ ପାଇଥିବା ଅଙ୍କ ବିଷୟରେ ଅବଗତ କରାଇଲେ ଶିକ୍ଷାର୍ଥୀମାନେ ମୟଙ୍କ ପ୍ରତି ଅଟ୍ଟହାସ୍ୟ ଓ ଉପହାସ କରିବା ଆରମ୍ଭ କରି ଦେଲେ । ମୟଙ୍କ ଏହା ବୁଝିବାରେ ଅସମର୍ଥ ହେଲେ ଯେ ସେ କାହିଁକି ଏତେ କମ ଅଙ୍କ ପାଇଲେ । ଅନ୍ୟମାନଙ୍କ ପରି ମୟଙ୍କ ମଧ୍ୟ ଗଳ୍ପ କଥନରେ କୌଣସି ଭୁଲ୍ କରି ନଥିଲେ । ସେ କିଛି ସମୟ ପାଇଁ ନୀରବ ଏବଂ ହତୋତ୍ସାହିତ ହୋଇ ବସିପଡିଲେ । କିଛି ସମୟ ପରେ

ସେ ଶିକ୍ଷକଙ୍କୁ ପଚାରିଲେ ଯେ ସେ କାହିଁକି ଏତେ କମ ଅଙ୍କ ପାଇଲେ ଯାହାକି ଅନ୍ୟମାନଙ୍କଠାରୁ ବହୁତ କମ୍ । ଶିକ୍ଷକ ପ୍ରତ୍ୟୁତ୍ତରରେ କହିଲେ ଯେ 'ମୁଁ ତୁମକୁ ପୁସ୍ତକରେ ଥିବା ଏକ ଗଳ୍ପ କଥନ କରିବା ପାଇଁ କହିଥିଲି । ଅନ୍ୟ କୌଣସି ଗଳ୍ପ ଯାହା ତୁମ ମନକୁ ଆସୁଛି ତାହା ଗ୍ରହଣୀୟ ନୁହେଁ ।' ଏହା ପରେ ମୟଙ୍କ କୌଣସି କ୍ରିୟା କଳାପରେ ଉତ୍ସାହ ଓ ଉଦ୍ଦୀପନାର ସହ ଅଂଶଗ୍ରହଣ କଲେ ନାହିଁ ଏବଂ ଠିକ୍ ପରଦିନ ବିଦ୍ୟାଳୟକୁ ଆସିଲେ ନାହିଁ । ତାଙ୍କ ମାତାପିତା ତାଙ୍କୁ ବିଦ୍ୟାଳୟରେ ଉପସ୍ଥିତ କରାଇବା ପାଇଁ ଅନେକ ପ୍ରତିବନ୍ଧକର ସାମ୍ନା କଲେ ।

**ଉଦାହରଣ-୨ :**

ଏହା ମଧ୍ୟ ତୃତୀୟ ଶ୍ରେଣୀର ଏକ ଭାଷା କକ୍ଷର ଉଦାହରଣ । ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗାଈ ସମ୍ବନ୍ଧରେ ପାଞ୍ଚଟି ବାକ୍ୟ ସେମାନଙ୍କ ଖାତାରେ ଲେଖିବା ପାଇଁ କହିଲେ । ବାକ୍ୟଗୁଡିକ ଥିଲା:-

୧. ଗାଈ ଆମର ମାଆ

୨. ଗାଈର ୪ଟି ଗୋଡ ଅଛି

୩. ଗାଈ ସବୁଜ ଘାସ ଖାଏ

୪. ଗାଈ ଆମକୁ କ୍ଷୀର ଦିଏ

୫. ଗାଈ ଗୋବରରେ ଘସି ପ୍ରସ୍ତୁତ ହୁଏ ।

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଏହି ୫ଟି ବାକ୍ୟ ମୁଖସ୍ଥ କରି ପରୀକ୍ଷାରେ ଲେଖିବା ପାଇଁ କହିଲେ । ସେ କହିଲେ ଯେ ପ୍ରତି ବାକ୍ୟର ମୂଲ୍ୟ ୧ ଅଙ୍କ ଏବଂ ଯେଉଁ ଶିକ୍ଷାର୍ଥୀମାନେ ସମସ୍ତ ୫ଟି ବାକ୍ୟ ନିର୍ଭୁଲ ଭାବରେ ଲେଖିବେ, ସେ ପୂର୍ଣ୍ଣ ଅଙ୍କ ପାଇବାରେ ସମର୍ଥ ହେବେ ।

ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ବାକ୍ୟଗୁଡ଼ିକୁ ମୁଖସ୍ଥ କରିବାକୁ ଲାଗିଲେ । ପରୀକ୍ଷାରେ ସର୍ବାଧିକ ଶିକ୍ଷାର୍ଥୀ ଶିକ୍ଷକ କହିଥିବା ସମସ୍ତ ବାକ୍ୟଗୁଡିକ ଲେଖିବାରେ ସଫଳ ହେଲେ । ନୀଲମ ମଧ୍ୟ ୫ଟି ବାକ୍ୟ ଲେଖିଲେ । କିନ୍ତୁ ସେଗୁଡିକ ଶିକ୍ଷକଙ୍କ ଦ୍ୱାରା କରାଯାଇଥିବା ଶ୍ରୁତିଲିଖନଠାରୁ ଭିନ୍ନ । ସେହି ବାକ୍ୟଗୁଡିକ ହେଲା:-

୧. ଗାଈ ଆମର ମା' ।

୨. ଗାଈର ୪ଟି ଗୋଡ ଅଛି ।

୩. ଆମ ଘରେ ଅନେକ ଗାଈ ଅଛନ୍ତି ।

୪. ଗାଈ କ୍ଷୀର ଦ୍ୱାରା ଆମେ ଅର୍ଥ ଉପାର୍ଜନ କରୁ ।

୫. ଜିତୁ ରଖିଥିବା ଗାଈର ଗୋଟିଏ ବାଛୁରୀ ଅଛି ।

ସର୍ବାଧିକ ଶିକ୍ଷାର୍ଥୀ ସମୁଦାୟ ୫ରୁ ୫ ଅଙ୍କ ପାଇଲେ । କିନ୍ତୁ ନୀଲମ ମାତ୍ର ୨ ଅଙ୍କ ପାଇଲେ ଯଦିଓ ସେ ଅନ୍ୟମାନଙ୍କ ଭଳି ୫ଟି ବାକ୍ୟ ଲେଖିଥିଲେ । ସେ ଲେଖିଥିବା ବାକ୍ୟଗୁଡିକରେ କୌଣସି ଭୁଲ୍ ନ ଥିଲା ତଥାପି ସେ କମ୍ ଅଙ୍କ ପାଇଲେ ।

ଏହା ମାତ୍ର ଦୁଇଗୋଟି ଉଦାହରଣ । କିନ୍ତୁ ଏଗୁଡିକ ଆମ ଦେଶର ପ୍ରଚଳିତ ମୂଲ୍ୟାଙ୍କନ ମାନଦଣ୍ଡର ପ୍ରତିନିଧିତ୍ୱ କରୁଛନ୍ତି । ଏହିଭଳି ମୂଲ୍ୟାଙ୍କନ ଶିକ୍ଷାର୍ଥୀମାନଙ୍କର ମାନସିକ ଅବସାଦ ଅସୁରକ୍ଷିତ ମନୋଭାବ ସୃଷ୍ଟି କରେ ଏବଂ ସେମାନଙ୍କୁ ଅପମାନିତ କରାଇଥାଏ । କେବଳ ପୁସ୍ତକଗତ ପାଠ ସ୍ମରଣ କରିବା ଏବଂ ତାହାକୁ ମୁଖସ୍ଥ କରିଦେବା ଭାଷା ମୂଲ୍ୟାଙ୍କନର ମାପଦଣ୍ଡ ହୋଇ ନପାରେ । ମୂଲ୍ୟାଙ୍କନର ଇଲାକାରେ ଶିଶୁର କଳ୍ପନା ଶକ୍ତି ଓ ସୃଜନଶୀଳତା ସ୍ଥାନ ପାଇବା ଆବଶ୍ୟକ ।

ପ୍ରଚଳିତ ମୂଲ୍ୟାଙ୍କନ ପ୍ରସଙ୍ଗ କେବଳ ଔପଚାରିକତା ଓ ବୁଢିଆଣୀ ଜାଲର ଅଙ୍କାବଙ୍କା ସୂତା ମଧ୍ୟରେ ଛନ୍ଦି



ଟିପ୍ପଣୀ

ହୋଇଯାଇଛି । ଏହା ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ସ୍ଥିରୀକୃତ । ମୌଖିକ ପରୀକ୍ଷା ଗୋଟିଏ ନିର୍ଦ୍ଦିଷ୍ଟ ଦିବସରେ ସମାହିତ ହୋଇଥାଏ ଏବଂ ଲିଖିତ ପରୀକ୍ଷା ଅନ୍ୟ ଏକ ଦିବସରେ ନିର୍ଦ୍ଦିଷ୍ଟ ଦିବସରେ କରାଯାଇଥାଏ । ଏହା ଶିକ୍ଷାର୍ଥୀମାନଙ୍କର ମନରେ ଭୟ ଏବଂ ଉଦବେଗ ସୃଷ୍ଟି କରିଥାଏ । ଏହି ଭଳି ମୂଲ୍ୟାଙ୍କନ ପ୍ରକ୍ରିୟା ଆମକୁ ସୂଚନା ଦେଇଥାଏ ଯେ ଏହା ଶିକ୍ଷାଦାନ ତଥା ଶିକ୍ଷଣ ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବ୍ୟକ୍ତି ଏବଂ ଶିକ୍ଷାଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ଭିନ୍ନ । ଯେଉଁ ବ୍ୟକ୍ତିଜଣକ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି ସେ ଶିକ୍ଷାର୍ଥୀମାନଙ୍କର ପୃଷ୍ଠଭୂମି ସମ୍ବନ୍ଧରେ ଅବଗତ ନ ଥାନ୍ତି । ସର୍ବୋପରି ସେ ଶିକ୍ଷାର୍ଥୀମାନଙ୍କର ଶିକ୍ଷାଗ୍ରହଣର ବିଷୟ ତଥା ସେମାନଙ୍କର ଶିକ୍ଷଣ ସ୍ଥିତି ସମ୍ବନ୍ଧରେ ମଧ୍ୟ ଅବଗତ ନ ଥାନ୍ତି ।

**ନିଜର ପ୍ରଗତିକୁ ପରଖି ଦେଖ- ୧**

୧. ସାମ୍ପ୍ରତିକ ମୂଲ୍ୟାଙ୍କନ ପଦ୍ଧତିରେ ନିମ୍ନୋକ୍ତ କେଉଁ ସ୍ଥିତାବସ୍ଥା ଶିକ୍ଷାର୍ଥୀ ପାଇଁ ଅନୁକୂଳ ନୁହେଁ ।

କ) ମାନସିକ ଅବସାଦର ସ୍ଥିତି

ଖ) ଅସୁରକ୍ଷିତ ସ୍ଥିତି

ଗ) ବ୍ୟସ୍ତ, ବିବ୍ରତ ତଥା ଅପମାନଜନକ ସ୍ଥିତି

ଘ) ଉପଭୋଗ୍ୟ ସ୍ଥିତି

୨. ଆପଣ ଯଦି ଜଣେ ଶିକ୍ଷକ ହୋଇଥାନ୍ତି, ତେବେ ଆପଣ ମୟଙ୍କଙ୍କ ଉତ୍ତରକୁ କିଭଳି ଭାବରେ ମୂଲ୍ୟାଙ୍କନ କରିଥାନ୍ତେ ?

୩. ଆପଣଙ୍କ ମତରେ ନିଲମ୍‌ଙ୍କ କମ ଅଙ୍କ ପାଇବାର କାରଣଗୁଡିକ କଣ ? ଏଗୁଡିକ କଣ ଯଥାର୍ଥ ? ବିଷଦ୍ ଭାବରେ ବ୍ୟାଖ୍ୟା କରନ୍ତୁ ।

## ୧୦.୩- ମୂଲ୍ୟାଙ୍କନ କାହିଁକି କରିବା ?

ମୂଲ୍ୟାଙ୍କନ ଏପରି ଏକ ମାଧ୍ୟମ, ଯାହା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିଥାଏ । ଏକ ପକ୍ଷରେ ମୂଲ୍ୟାଙ୍କନ ଜଣେ ଶିକ୍ଷାର୍ଥୀଙ୍କର ସାମର୍ଥ୍ୟ, ବୟସ, ଆବଶ୍ୟକତା, ଶିକ୍ଷଣର ବେଗ, ତାଙ୍କର ସାଂପ୍ରତିକ ଶିକ୍ଷଣ ସ୍ଥିତି ସମ୍ବନ୍ଧରେ ବିଶେଷ ସୁଚନା ପ୍ରଦାନ କରିଥାଏ ଏବଂ ଅନ୍ୟ ପକ୍ଷରେ ଏହା ଶିକ୍ଷକ, ପ୍ରତ୍ୟେକ ଛାତ୍ରଙ୍କ ପ୍ରତି କିଭଳି କାର୍ଯ୍ୟପଦ୍ଧତି ଆପଣାଇବାକୁ ହେବ ସେ ଦିଗରେ ସହାୟକ ହୋଇଥାଏ ।

ମୂଲ୍ୟାଙ୍କନ କେବଳ ଶିକ୍ଷାର୍ଥୀମାନଙ୍କ ଖାତାର ମୂଲ୍ୟାଙ୍କନ କରିବା ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ୍ ନୁହେଁ । କିଏ କେତେ ଅଙ୍କ ପାଇଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ମୂଲ୍ୟାଙ୍କନ ଶିକ୍ଷାର୍ଥୀମାନଙ୍କୁ ସର୍ବୋତ୍ତମ ସ୍ଥାନରୁ ଆରମ୍ଭ କରି ସର୍ବନିମ୍ନ ସ୍ଥାନ ପର୍ଯ୍ୟନ୍ତ ଶ୍ରେଣୀଭୁକ୍ତ କରିବାର ଉଦ୍ଦେଶ୍ୟ ସାଧନ କରିବା ଉଚିତ୍ ନୁହେଁ । ଦୁର୍ଭାଗ୍ୟବଶତଃ ଏହା ହିଁ ସାଧାରଣତଃ କରାଯାଇଥାଏ । ମୂଲ୍ୟାଙ୍କନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଶିକ୍ଷକମାନଙ୍କୁ

ସେମାନଙ୍କ ଶିକ୍ଷାଦାନର ତ୍ରୁଟି ସମ୍ବନ୍ଧରେ ଅବଗତ କରାଇ ପରବର୍ତ୍ତୀ ଶ୍ରେଣୀରେ ଉତ୍ତମମାନର ଶିକ୍ଷାଦାନ କରାଇବାରେ ସାମର୍ଥ୍ୟ ପ୍ରଦାନ କରିବା । ମୂଲ୍ୟାଙ୍କନ ଶିକ୍ଷାର୍ଥୀଙ୍କୁ ତାଙ୍କର ଅଗ୍ରଗତି ସମ୍ବନ୍ଧରେ ଅବଗତ କରାଇବା ସଙ୍ଗେ ସଙ୍ଗେ ନିଜ ନିଜର ଅତୀତ ଓ ବର୍ତ୍ତମାନ ପରିବର୍ତ୍ତନର ନକ୍ସା ଉପସ୍ଥାପନ କରାଇଥାଏ । ମୂଲ୍ୟାଙ୍କନ ଶିକ୍ଷକ ଓ ଅଭିଭାବକମାନଙ୍କୁ ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତା ସମ୍ପର୍କରେ ଜଣାଏ ଏବଂ ସେମାନଙ୍କର ଦକ୍ଷତାର ବିକାଶ ପାଇଁ କି ପଦକ୍ଷେପ ନେବାକୁ ହେବ ତାହା ଜଣାଏ ।

ସମ୍ପ୍ରତି ମୂଲ୍ୟାଙ୍କନ କେବଳ ଶିକ୍ଷାର୍ଥୀମାନଙ୍କୁ ଉତ୍ତୀର୍ଣ୍ଣ କିମ୍ବା ଅନୁତୀର୍ଣ୍ଣ କରାଇବା ନିମନ୍ତେ ବ୍ୟବହୃତ ହେଉଅଛି କିମ୍ବା ସେମାନଙ୍କ ପ୍ରାପ୍ତାଙ୍କ ଉପରେ ଜୋର୍ ଦେବାର ନଜିର୍ ରହିଛି । କିନ୍ତୁ ଏହାର ପରିଧି ସଂକୀର୍ଣ୍ଣ ହେବା ଉଚିତ୍ ନୁହେଁ । ମୂଲ୍ୟାଙ୍କନର ପଦ୍ଧତିରେ ଶିକ୍ଷାଦାନ ତଥା ଶିକ୍ଷଣ ପ୍ରକ୍ରିୟାକୁ ଆହୁରି ପ୍ରଭାବଶାଳୀ କରିବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି । ଉଦାହରଣସ୍ୱରୂପ ଜଣେ ଭାଷା ଶିକ୍ଷକ ଯେତେବେଳେ ମୂଲ୍ୟାଙ୍କନ କରନ୍ତି, ସେ ଜାଣିବା ପାଇଁ ଚାହାନ୍ତି ଯେ ଜଣେ ଶିକ୍ଷାର୍ଥୀ କେତେ ମାତ୍ରାରେ ପଢ଼ିପାରିଛି ? ସେ ନିରବଚ୍ଛିନ୍ନ ଭାବେ ପଢ଼ିପାରିଛନ୍ତି ନା ସମୟ ସମୟରେ କିଛି ଅସୁବିଧା ରହିଛି ? ସେ ଯାହା ଶୁଣିଛନ୍ତି, କେତେ ମାତ୍ରାରେ ତାହାକୁ ବୁଝି ପାରୁଛନ୍ତି ? କେତେ ଆତ୍ମବିଶ୍ୱାସର ସହ ସେ ନିଜକୁ ପରିପ୍ରକାଶ କରି ପାରୁଛନ୍ତି ? ସେ ନିଜ ଭାବନାକୁ ଭାଷାରେ ପରିପ୍ରକାଶ କରି ଲେଖି ପାରୁଛନ୍ତି କି ? ବାକ୍ୟ ସଂରଚନା କରିବାର ସାମର୍ଥ୍ୟ ଓ ତାଙ୍କ ଭାଷା ଶବ୍ଦ ସଂରଚନାର ସ୍ତର କିପରି ରହିଛି ? ମୂଲ୍ୟାଙ୍କନ ଆମକୁ ଶିକ୍ଷଣର ବେଗ ଏବଂ ଦିଗ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥାଏ । ଉଦାହରଣସ୍ୱରୂପ ଯଦି ଜଣେ ଶିକ୍ଷାର୍ଥୀ ପଠନରେ ଅସମର୍ଥ, ତେବେ ତାହାର କାରଣ କ'ଣ ? ସେ କଣ କିଛି ଅକ୍ଷରକୁ ବୁଝିବାରେ ଅସମର୍ଥ ନା ସେ ଶବ୍ଦ କିମ୍ବା ବାକ୍ୟଗୁଡ଼ିକ ଅର୍ଥବୋଧକ ପାଠ୍ୟାଙ୍କ ଭାବରେ ବୁଝିବାରେ ଅସମର୍ଥ ? କିମ୍ବା ଅକ୍ଷର ପରେ ଅକ୍ଷର ଗୋଟି ଗୋଟି କରି ପଢ଼ିବାର ଅଭ୍ୟାସ ତାଙ୍କୁ ବୁଝିବାର ସାମର୍ଥ୍ୟକୁ ପ୍ରଭାବିତ କରିଛି । ଏସବୁ ଅତି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯାହାକି ଆମକୁ ଶିକ୍ଷାର୍ଥୀଙ୍କ ପଠନର ଦକ୍ଷତା ଏବଂ ଭାଷାକୁ ବୁଝିବାର ସାମର୍ଥ୍ୟ ସମ୍ବନ୍ଧରେ ଆଲୋକପାତ କରେ । ଆମକୁ ଏହି ସବୁ ତଥ୍ୟ ଅତି ଯତ୍ନ ସହକାରେ ଲିପିବଦ୍ଧ କରିବାକୁ ହେବ । ମୂଲ୍ୟାଙ୍କନ ସମୟରେ ଆମକୁ ପ୍ରତ୍ୟେକ ଶିକ୍ଷାର୍ଥୀ ସମ୍ବନ୍ଧରେ ବିଶଦ ଭାବରେ ପ୍ରତିକ୍ରିୟା ବ୍ୟକ୍ତ କରିବାର ଆବଶ୍ୟକତା ରହିଛି । ଏହା ଜରୁରୀ ନୁହେଁ କି ଯେ ପ୍ରତିକ୍ରିୟା ବା ଟିପ୍ପଣୀଗୁଡ଼ିକ ବିଶଦ ହେବା ଉଚିତ୍, କିନ୍ତୁ ଏହି ଟିପ୍ପଣୀଗୁଡ଼ିକ ସ୍ପଷ୍ଟ ହେବା ଉଚିତ୍ । ପ୍ରତ୍ୟେକ ଟିପ୍ପଣୀ ଏକ ବିଶଦ ବିବୃତି ସହିତ ଯୋଡ଼ି ହେବାର ଆବଶ୍ୟକତା, ନିରୀକ୍ଷଣ ସମୟରେ ଉପଲବ୍ଧି କରାଯାଏ । ଉଦାହରଣସ୍ୱରୂପ ନିମ୍ନଲିଖିତ ଟିପ୍ପଣୀ ଜଣେ ନବାଗତା ଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ସଂକୀର୍ଣ୍ଣ ଅଟେ । 'ଜୟା ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ କରେ ।' ଏହି ଟିପ୍ପଣୀର ମୌଳିକତା ନିଶ୍ଚିତ ଭାବରେ ଉପସ୍ଥାପିତ ହେବା ଦରକାର । ଏହା ନିମ୍ନୋକ୍ତ ଉପାୟରେ ଲେଖାଯାଇପାରେ :

'ଜୟା ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ କରିଥାଏ । ସେ ବହିଗୁଡ଼ିକ ଢେର ଅଧିକ ସମୟ ପାଇଁ ଦେଖୁଥିଲା ଯେତେବେଳେ ସେ ପାଠ୍ୟଗୃହରେ ଉପସ୍ଥିତ ଥିଲା । ଏହା ପରେ ସେ ଏକ ପୁସ୍ତକକୁ ଉଠାଇ ଦୀର୍ଘ ସମୟ ଧରି ପ୍ରତ୍ୟେକ ଚିତ୍ରକୁ ଗଭୀର ଭାବରେ ଅନୁଧ୍ୟାନ କରୁଥିଲା । ଏହା ଜୀବଜନ୍ତୁମାନଙ୍କ ସମ୍ବନ୍ଧରେ ଏକ ପୁସ୍ତକ ଥିଲା ।' ଏହି ମୂଲ୍ୟାଙ୍କନ ଶିକ୍ଷାର୍ଥୀଙ୍କ ଆଚରଣ ସମ୍ବନ୍ଧରେ ସୂଚିତ କରାଏ । ଏକ ସାଧାରଣ ବିବୃତି ନୁହେଁ । ଯେତେବେଳେ ଆପଣଙ୍କ ନିକଟରେ ଏହିଭଳି ୭ରୁ ୮ ଟିପ୍ପଣୀ ଅଛି, ଯାହାକି ଜଣେ ଶିକ୍ଷାର୍ଥୀ ସମ୍ବନ୍ଧରେ ଥିବା ୨ରୁ ୪ ମାସର ଟିପ୍ପଣୀ, ତେବେ ତାଙ୍କର ଭାଷା ଦକ୍ଷତା ସମ୍ବନ୍ଧରେ ଆପଣ ବିଶଦ ଭାବରେ ଜାଣିପାରିବେ । ଟିପ୍ପଣୀ ଏଭଳି ହେବା ଦରକାର ଯେ ଜଣେ ଶିକ୍ଷାର୍ଥୀ, ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରଣାଳୀରେ କଣ ଶିକ୍ଷାଲାଭ କରୁଛନ୍ତି ସେ ସମ୍ବନ୍ଧରେ ତାହା ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିବା ଉଚିତ୍ । ଏହା ଆମକୁ ବାସ୍ତବ ସ୍ଥିତିର ସୂଚନା ଦେବା ସଙ୍ଗେ ସଙ୍ଗେ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଗକୁ ବଢ଼ିବା ପାଇଁ ସହାୟକ ହେବ । ଉଦାହରଣସ୍ୱରୂପ: ଆମେ ପଠନ ସମ୍ବନ୍ଧୀୟ କିଛି ସମସ୍ୟା ଚିହ୍ନଟ କରିଅଛୁ ଏବଂ



ଟିପ୍ପଣୀ



ଟିପ୍ପଣୀ

ଆମକୁ ଏହି ସମ୍ବନ୍ଧୀୟ ସମାଧାନ ଖୋଜି ବ୍ୟବହାର କରିବାକୁ ପଡିବ । ଜଣେ ଶିକ୍ଷାର୍ଥୀଙ୍କୁ ପଠନ କରିବା ପାଇଁ ପ୍ରସ୍ତୁତ କରିବାକୁ ହେଲେ ଆମକୁ କିଛି କ୍ରିୟାକଳାପ ଏବଂ ପ୍ରଶ୍ନାବଳୀ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ମୂଲ୍ୟାଙ୍କନରେ ଆମେ ଶିକ୍ଷାର୍ଥୀଙ୍କ ଫଳାଫଳକୁ କେବଳ ତାଙ୍କ ପୂର୍ବ ଫଳାଫଳ ସହିତ ହିଁ ତୁଳନା କରିବା ଆବଶ୍ୟକ । ଅନ୍ୟ କୌଣସି ଶିକ୍ଷାର୍ଥୀଙ୍କ ଫଳାଫଳ ସହିତ ତାଙ୍କ ଫଳାଫଳର ତୁଳନାର କୌଣସି ଉପାଦେୟତା ନାହିଁ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିକ୍ଷଣର ଭିନ୍ନ ବେଗ ରହିଛି ଏବଂ ସେମାନେ ଏକ ନିର୍ଦ୍ଦିଷ୍ଟ ବିଷୟକୁ ଶିଖିବା ପାଇଁ ଭିନ୍ନ ଭିନ୍ନ ଅବଧି ଆବଶ୍ୟକ କରିଥାନ୍ତି । ଉଦାହରଣସ୍ୱରୂପ: କିଛି ଶିକ୍ଷାର୍ଥୀ ପଢିବା, ବୁଝିବା ଏବଂ କହିବାର ଦକ୍ଷତା ଶୀଘ୍ର ହାସଲ କରିଥାନ୍ତି । କିନ୍ତୁ କଠିନ ବିଷୟଗୁଡିକ ବହୁ ଡେରିରେ ବୁଝିଥାନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି । କେବଳ ଏହି ଶିକ୍ଷାର୍ଥୀମାନଙ୍କୁ ନୁହେଁ, ଯେଉଁମାନେ ପଢାପଢିରେ ଭଲ ପ୍ରଦର୍ଶନ କରୁଛନ୍ତି । ମୂଲ୍ୟାଙ୍କନ ଏକ ସାମୟିକ ପ୍ରକ୍ରିୟା ନୁହେଁ, ଯାହାକି ପ୍ରତି ୩ ମାସରେ ଥରେ କରାଯାଇଥାଏ । ଏହା ଏକ ନିରନ୍ତର ପ୍ରକ୍ରିୟା ।

**ନିଜ ପ୍ରଗତିକୁ ପରଖି ଦେଖ-୨**

୧. ମୂଲ୍ୟାଙ୍କନ ସମୟରେ ଆମେ କାହା ପ୍ରତି ଗୁରୁତ୍ୱ ଦେବା ?

କ. ଶିକ୍ଷାର୍ଥୀଙ୍କ ନିଜ ପୂର୍ବ ପ୍ରଦର୍ଶନ ସହିତ ପ୍ରଗତିର ସ୍ତରକୁ ତୁଳନା କରନ୍ତୁ ।

ଖ. ଶିକ୍ଷାର୍ଥୀଙ୍କ ପ୍ରଗତିରସ୍ତରକୁ ଅନ୍ୟ ଶିକ୍ଷାର୍ଥୀଙ୍କ ପ୍ରଦର୍ଶନ ସହିତ ତୁଳନା କରନ୍ତୁ ।

ଗ. ଶିକ୍ଷାର୍ଥୀଙ୍କ ପ୍ରଗତିର ସ୍ତରକୁ ସେହି ଶିକ୍ଷାର୍ଥୀମାନଙ୍କ ସହିତ ତୁଳନା କରନ୍ତୁ ଯେଉଁମାନେ କି ଶିକ୍ଷଣ ପ୍ରକ୍ରିୟାରେ ଦ୍ରୁତ ତଥା ଅଧିକ ଶିକ୍ଷଣ ଲାଭ କରୁଛନ୍ତି ।

ଘ. ଶିକ୍ଷାର୍ଥୀଙ୍କ ପ୍ରଗତିର ସ୍ତରକୁ ସେହି ଶିକ୍ଷାର୍ଥୀ ସହ ତୁଳନା କରନ୍ତୁ, ଯେଉଁମାନେ କି ଦ୍ରୁତ ଗତିରେ ଅଭିବ୍ୟକ୍ତି ପ୍ରକାଶ କରିପାରନ୍ତି ।

୨. ମୂଲ୍ୟାଙ୍କନ ପ୍ରକ୍ରିୟା ଶିକ୍ଷାର୍ଥୀ-କୈନ୍ଦ୍ରିକ ହେବାର ଆବଶ୍ୟକତା କାହିଁକି ରହିଛି ? ଏହି ପ୍ରକ୍ରିୟାର ଉପାଦେୟତା ସହ କଣ ରହିଛି ?

୩. ମୂଲ୍ୟାଙ୍କନ କିପରି ଭାବରେ ଶିକ୍ଷାଦାନ ତଥା ଶିକ୍ଷଣ ପ୍ରକ୍ରିୟା ସହିତ ଜଡିତ ? ଆପଣଙ୍କ ମତାନୁସାରେ ଆଲୋକପାତ କରନ୍ତୁ ।

୪. ଆପଣ ଜଣେ ଶିକ୍ଷାର୍ଥୀଙ୍କ ପଠନ ଦକ୍ଷତା ସମ୍ବନ୍ଧରେ ଏକ ଟିପ୍ପଣୀ ପଢିଲେ ବର୍ତ୍ତମାନ ଆପଣ ଏକ ଟିପ୍ପଣୀ ଲେଖନ୍ତୁ ଯାହାକି ଶିକ୍ଷାର୍ଥୀଙ୍କ ଲିଖନ ଦକ୍ଷତା ସମ୍ବନ୍ଧରେ ହୋଇଥିବ । ଆପଣଙ୍କ ଟିପ୍ପଣୀର ମୌଳିକ ଦିଗ ସମ୍ବନ୍ଧରେ ବ୍ୟାଖ୍ୟା କରନ୍ତୁ ।

## ୧୦.୪- ଭାଷା ମୂଲ୍ୟାଙ୍କନର ଆଲୋଚ୍ୟ ବିଷୟ

ସଠିକ ଶବ୍ଦର ବ୍ୟବହାର, ସଠିକ ବ୍ୟାକରଣ ସହିତ ସଠିକ ଉଚ୍ଚାରଣ ସହିତ ସମ୍ପୂର୍ଣ୍ଣ ସଠିକତାକୁ ଲିଖନ ପଦ୍ଧତିରେ 'ଶୁଦ୍ଧ ଏବଂ ନିର୍ଭୁଲ ଭାଷାର ବ୍ୟବହାର' ବୋଲି ଅଭିହିତ କରାଯାଏ । ଅନ୍ୟପକ୍ଷରେ ଯେଉଁ ଦକ୍ଷତା ଶିକ୍ଷାର୍ଥୀଙ୍କୁ ସହଜ ସୁଲଭ ଶୈଳୀରେ କହିବା, ପଢିବା ଏବଂ ଲେଖିବା ପାଇଁ ସମର୍ଥ କରାଇଥାଏ ଏବଂ ଯାହାଦ୍ୱାରା ସେ ଭାବବ୍ୟକ୍ତ କରିବାର ଦକ୍ଷତା ହାସଲ କରିଥାନ୍ତି, ତାହାକୁ 'ବାକ୍‌ପଟୁତା' କୁହାଯାଏ । ଏହି କ୍ଷେତ୍ରରେ ବ୍ୟାକରଣଗତ ତ୍ରୁଟି ଅପେକ୍ଷା ଅର୍ଥ ଏବଂ ପୃଷ୍ଠଭୂମି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ ।

ପ୍ରାଥମିକ ଭାବେ ମୂଲ୍ୟାଙ୍କନ ବାକ୍‌ପଟୁତା ବା ବାଗ୍ମିତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସାଦୃଶ୍ୟ ଓ ସଠିକତା ପରେ ଆସିପାରେ । ପ୍ରାଥମିକ ସ୍ତର ପରେ ଆମେ ହୁଏତ ସଠିକତା ଏବଂ ବାକ୍‌ପଟୁତା ମଧ୍ୟରେ ସନ୍ତୁଳନ ରକ୍ଷା କରି ଉଭୟଙ୍କୁ ଧ୍ୟାନ ଦେଇପାରିବା ।  ଆମେ ଶିକ୍ଷାର୍ଥୀ ଲାଭ କରିଥିବା ଭାଷାଦକ୍ଷତାକୁ ମୂଲ୍ୟାଙ୍କନ ମାଧ୍ୟମରେ ଜାଣିବାକୁ ଚାହୁଁ । ଏହା ଆରମ୍ଭ କରିବା ପୂର୍ବରୁ ବିଚାରକ ତଥା ମୂଲ୍ୟାୟନକାରୀ ଜଣକ ଏହା ପରଖି ନେବା ଦରକାର ଯେ ଶିକ୍ଷାର୍ଥୀମାନେ କେତେଦୂର ଏହି ଦକ୍ଷତା ହାସଲ କରିବାର ସୁଯୋଗ ଲାଭ କରିଛନ୍ତି । ଯଦି ସେମାନେ ଏଭଳି କୌଣସି ସୁଯୋଗ ଲାଭ କରି ନାହାନ୍ତି, ତେବେ ମୂଲ୍ୟାୟନ ଅପ୍ରାସଙ୍ଗିକ ଅଟେ । ଏହି ବିଭାଗରେ ଆମେ ଦକ୍ଷତାଗୁଡିକୁ ବିଭିନ୍ନ ବିଭାଗରେ ବିଭକ୍ତ କରି ଏହାକୁ ବୁଝିବା ପାଇଁ ଚେଷ୍ଟା କରିବା । ଏଥିରେ ବିଭିନ୍ନ ବିଷୟବସ୍ତୁକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିବା ପାଇଁ ଉଲ୍ଲେଖ କରାଯାଇଛି । ଆମେ ଯଦି କ୍ରିୟାକଳାପ ଦ୍ୱାରା ମୂଲ୍ୟାଙ୍କନ କରିବା ପାଇଁ ପ୍ରୟାସ କରୁ, ତେବେ ପ୍ରତ୍ୟେକ ଦକ୍ଷତା ପାଇଁ ସ୍ୱତନ୍ତ୍ର କ୍ରିୟାକଳାପ କରିବାର କୌଣସି ଆବଶ୍ୟକତା ନାହିଁ । ଏକ ନିର୍ଦ୍ଦିଷ୍ଟ କ୍ରିୟାକଳାପ ଦ୍ୱାରା ଆମେ ବିଭିନ୍ନ ଦକ୍ଷତାକୁ ମୂଲ୍ୟାୟନ କରିପାରିବା । ମୁଖ୍ୟ ଦକ୍ଷତା ସବୁ ମୂଲ୍ୟାଙ୍କନର ଅନ୍ତର୍ଭୁକ୍ତ ହୋଇପାରିବ ।

### ୧୦.୪.୧- ଶ୍ରବଣ ଏବଂ କଥନ

ଶିକ୍ଷାର୍ଥୀ ଜଣକ ଏକ ଚିତ୍ରକୁ ବ୍ୟାଖ୍ୟା କରିପାରୁଥିବା ଆବଶ୍ୟକ । ସେମାନେ ସମ୍ପୂର୍ଣ୍ଣ ମୁକ୍ତ ଭାବେ ଭାବବ୍ୟକ୍ତ କରିପାରୁଥିବେ ଏବଂ ସେମାନେ ଶିଖିଥିବା ବିଷୟ ସମ୍ବନ୍ଧରେ ନିଜ ମତବ୍ୟକ୍ତ କରିପାରୁଥିବେ । ଏହା କଥୋପକଥନ, ଅଧ୍ୟାପନାମୂଳକ ଭାଷଣ କିମ୍ବା ଆଲୋଚନା ହୋଇପାରେ । ସେମାନେ ସଠିକ୍ ଶବ୍ଦ ବ୍ୟବହାର କରିପାରୁଥିବା ଆବଶ୍ୟକ ଏବଂ ସମ୍ପୂର୍ଣ୍ଣ ବାକ୍ୟରେ ସୂଚନାମୂଳକ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ

ଟିପ୍ପଣୀ

କରି ପାରୁଥିବା ଆବଶ୍ୟକ । ସେମାନେ ଜ୍ଞାତ ବସ୍ତୁ, ବ୍ୟକ୍ତି ଏବଂ ଘଟଣା ସମ୍ବନ୍ଧରେ ବ୍ୟକ୍ତ କରି ପାରୁଥିବା ଆବଶ୍ୟକ ।

### ୧୦.୪.୨- ପଠନ ସହିତ ବୋଧଗମ୍ୟତା

ଏଠାରେ ମୌଳିକ ବିଷୟ ହେଉଛି ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ପଢିସାରିବା ପରେ ତାହାକୁ ସଠିକ୍ ଭାବରେ ବୁଝିବା, ସମସ୍ତ ପାଠ୍ୟ ବିଷୟଗୁଡ଼ିକୁ ଏକ ପୃଷ୍ଠଭୂମି ସହିତ ସଂଯୋଗ କରିବା ସର୍ବଦା ଶ୍ରେୟସ୍କର । ଆମେ ପ୍ରାଥମିକ ଅବସ୍ଥାରେ ହୁଏତ ଜାଣିଥିବା ଶବ୍ଦଗୁଡ଼ିକ ଚିହ୍ନିବା ଏବଂ ଶବ୍ଦଗୁଡ଼ିକୁ ବୋଧଗମ୍ୟତାର ସହ ପଢିବା ମାଧ୍ୟମରେ ଭାଷା ଦକ୍ଷତାର ମୂଲ୍ୟାଙ୍କନ କରିପାରୁ । ପରବର୍ତ୍ତୀ ସେପାନରେ ଜଣେ ଶିକ୍ଷାର୍ଥୀ ସଚିତ୍ର ଶବ୍ଦ ଏବଂ ଗଳ୍ପଗୁଡ଼ିକ ସହ ସଂଲଗ୍ନ ହୋଇଥିବା ବାକ୍ୟସବୁ ପଢ଼ିବ ।  ଏଭଳି ଏକ ବିଷୟବସ୍ତୁକୁ ବ୍ୟାଖ୍ୟା କରି ମୁଖ୍ୟପ୍ରସଙ୍ଗଗୁଡ଼ିକର ପଠନ କରିପାରୁଥିବ । ଶିକ୍ଷାର୍ଥୀ ଶବ୍ଦଗୁଡ଼ିକର ପ୍ରସଙ୍ଗ ଅନୁଯାୟୀ ବ୍ୟାଖ୍ୟା କରିପାରୁଥିବେ ।

### ୧୦.୪.୩ - ଲିଖନ

ଲିଖନର ମୂଲ୍ୟାଙ୍କନ ସମୟରେ ଶିକ୍ଷାର୍ଥୀମାନେ ଅକ୍ଷର ଏବଂ ସାଧରଣ ଶବ୍ଦଗୁଡ଼ିକ ଲେଖି ପାରୁଛନ୍ତି କି ନାହିଁ ତାହା ଅନୁଧ୍ୟାନ କରିବା ପାଇଁ ଚେଷ୍ଟା କରିବେ । ପରବର୍ତ୍ତୀ ସମୟରେ ସେମାନଙ୍କ ମୂଲ୍ୟାଙ୍କନ ପତ୍ର ଲିଖନ ଏବଂ ଶବ୍ଦ ଲିଖନ ଭିତ୍ତିକ ହେବା ଆବଶ୍ୟକ । ଶବ୍ଦଗୁଡ଼ିକୁ ନ ଦେଖି ସେମାନେ ଲେଖି ପାରୁଥିବା ଦରକାର । ଶିକ୍ଷାର୍ଥୀମାନଙ୍କୁ କୁହାଯାଉଥିବା ଏକକ ଶବ୍ଦ ଏବଂ ଏକକ ଉତ୍ତର ଭିତ୍ତିକ ପ୍ରଶ୍ନ ଦ୍ୱାରା ମୂଲ୍ୟାଙ୍କନ ହୋଇପାରିବେ । ପରବର୍ତ୍ତୀ ସୋପାନ ଏପରି ହେବା ଆବଶ୍ୟକ ଯେ, ସେମାନେ ଦୁଇରୁ ତିନି ବାକ୍ୟବିଶିଷ୍ଟ ବ୍ୟାଖ୍ୟା ଲିଖନ କରିପାରୁଥିବେ ଯାହା ସେମାନଙ୍କୁ ପୂର୍ବରୁ କୁହାଯାଇଛି ।  ଅପରିଚିତ ଶବ୍ଦଗୁଡ଼ିକ ସମ୍ବନ୍ଧରେ ମଧ୍ୟ ସେମାନେ ଲେଖି ପାରୁଥିବା ଆବଶ୍ୟକ ।

### ୧୦.୪.୪ - ଅଭିବ୍ୟକ୍ତି ବା ଭାବ ପରିପ୍ରକାଶ

ଏହି ମୂଲ୍ୟାଙ୍କନ ପ୍ରକ୍ରିୟାରେ ଶିକ୍ଷାର୍ଥୀ ଜଣକ ଯାହା ଦେଖିଥିବେ ତଦନୁଯାୟୀ ବସ୍ତୁ ଏବଂ ଘଟଣାଗୁଡ଼ିକ ବର୍ଣ୍ଣନା ବା ପ୍ରକାଶ କରିପାରୁଥିବେ । ପରବର୍ତ୍ତୀ ସମୟରେ ସେ ତାଙ୍କ ନିଜ ଦକ୍ଷତା ଅନୁଯାୟୀ ଯେ କୌଣସି କବିତା, ଗଳ୍ପ କିମ୍ବା ଘଟଣାବଳୀ ସମ୍ବନ୍ଧିତ ଅଭିନୟ ସମ୍ପର୍କରେ ଭାବବ୍ୟକ୍ତ କରିପାରୁଥିବେ ।  ମୃତ୍ତିକା ଦ୍ୱାରା ତିଆରି ମୂର୍ତ୍ତି କିମ୍ବା ଅନ୍ୟ ଉପାଦାନ ଦ୍ୱାରା ତିଆରି କାରୁକାର୍ଯ୍ୟ ବ୍ୟବହାର କରି ମୂଲ୍ୟାଙ୍କନ ହୋଇ ପାରିବ । ଆମେ ସେମାନଙ୍କୁ(ଶିକ୍ଷାର୍ଥୀମାନଙ୍କୁ) ଗଳ୍ପ ଲିଖନ ଦ୍ୱାରା ଆକଳନ କରିପାରିବା ।

**ନିଜ ପ୍ରଗତିକୁ ପରଖି ଦେଖ-୩**

୧. 'ବାକ୍‌ପଟୁତା' ଅର୍ଥ କ'ଣ ?

କ. ସହଜ ସୁଲଭ ଶୈଳୀରେ କହିବା ।

ଖ. ନିର୍ଭୁଲ ଭାବେ ଲେଖିବା ।

ଗ. କଥନ, ପଠନ ଏବଂ ଲିଖନ ପ୍ରକ୍ରିୟା ଦ୍ୱାରା ନିଜକୁ ଉପଯୁକ୍ତ ଭାବେ ବ୍ୟକ୍ତ କରିବାର ଦକ୍ଷତା ।

ଘ. ବ୍ୟାକରଣଗତ ନିୟମାବଳୀର ସ୍ୱଷ୍ଟତା ।

୨. କେଉଁ ସବୁ କ୍ରିୟାକଳାପ ଜଣେ ଶିଶୁର ବୋଧଗମ୍ୟ ଦକ୍ଷତାର ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ହୋଇପାରିବ ?

୩. କଥନ ଏବଂ ଶ୍ରବଣ ଦକ୍ଷତାଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ଆପଣ କେଉଁ ଦିଗ ପ୍ରତି ଧ୍ୟାନ ଦେବେ ?

## ୧୦.୫-ଭାଷା ଶିକ୍ଷଣରେ ମୂଲ୍ୟାଙ୍କନ ପଦ୍ଧତି

ଭାଷା ମୂଲ୍ୟାଙ୍କନ ସାଧାରଣତଃ ଲିଖିତ କିମ୍ବା/ ମୌଖିକ ପରୀକ୍ଷା ଉପରେ ପର୍ଯ୍ୟବେସିତ । ପ୍ରଶ୍ନପତ୍ରଟି ସାଧାରଣତଃ ପାଠ୍ୟପୁସ୍ତକଭିତ୍ତିକ ଏବଂ ସ୍ମୃତିଶକ୍ତି ଉପରେ ପର୍ଯ୍ୟବେସିତ । ଏଗୁଡ଼ିକ ଦକ୍ଷତା ଏବଂ ଭାଷାର ବୋଧଗମ୍ୟତା ଉପରେ ପର୍ଯ୍ୟବେଶିତ ନୁହେଁ । ନୂତନ ମୂଲ୍ୟାଙ୍କନ ପଦ୍ଧତିରେ ମୌଖିକ ଭାବପ୍ରକାଶ, ପରିକଳ୍ପନା, ନିରୀକ୍ଷଣ ଇତ୍ୟାଦି ଅନ୍ତର୍ଭୁକ୍ତ ହେବାର ଆବଶ୍ୟକତା ରହିଛି । ଜାତୀୟ ପାଠ୍ୟଖସଡ଼ାର ରୂପରେଖ -୨୦୦୫ ମଧ୍ୟ ମୂଲ୍ୟାଙ୍କନ ପଦ୍ଧତିର ପରିବର୍ତ୍ତନ ଦିଗରେ ଗୁରୁତ୍ୱ ପ୍ରଦାନ କରିଅଛି ।

ଭାଷା ଶିକ୍ଷା କ୍ଷେତ୍ରରେ ମୂଲ୍ୟାଙ୍କନ ପଦ୍ଧତି ନିମ୍ନଲିଖିତ ଭାବେ ହୋଇପାରେ ।

### ୧୦.୫.୧- ମୌଖିକ ପରୀକ୍ଷା

ମୌଖିକ ପରୀକ୍ଷା ଉଭୟ ଔପଚାରିକ ଏବଂ ଅନଔପଚାରିକ ପଦ୍ଧତିରେ ସମ୍ପନ୍ନ କରାଯାଇପାରେ । ଶିକ୍ଷାର୍ଥୀମାନଙ୍କ ସହିତ ବିଭିନ୍ନ ବିଷୟରେ କଥାବାର୍ତ୍ତା ହେବା, ପ୍ରଶ୍ନ ଉତ୍‌ଥାପନ କରିବା, ଗୋଷ୍ଠୀଗତ ଆଲୋଚନା କରାଇବା, ଅଭିନୟ ଇତ୍ୟାଦି ଶିକ୍ଷାଦାନ ତଥା ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ ହୋଇପାରେ । ଏହି ପରିବେଶରେ ଭାଷା ଦକ୍ଷତାର ମୂଲ୍ୟାଙ୍କନ କରାଯାଇପାରେ । ନିମ୍ନୋକ୍ତ ଔପଚାରିକ କ୍ରିୟାକଳାପ ସମ୍ପାଦନ କରାଯାଇପାରେ ।

**ପ୍ରଶ୍ନୋତ୍ତର ଅଧ୍ୟାୟ**

ଏହି ପର୍ଯ୍ୟାୟରେ ଶିକ୍ଷାର୍ଥୀମାନେ ପ୍ରଶ୍ନୋତ୍ତରର ସମ୍ମୁଖୀନ ହୋଇଥାନ୍ତି । ପ୍ରାରମ୍ଭିକ ପ୍ରଶ୍ନଗୁଡ଼ିକ ଏଭଳି ହେବା ଉଚିତ୍ ଯେପରିକି ଶିକ୍ଷାର୍ଥୀମାନେ ସହଜରେ ଉତ୍ତର ଦେଇପାରୁଥିବେ । ଏହି ପ୍ରଶ୍ନଗୁଡ଼ିକ ସେମାନଙ୍କ ଦୈନନ୍ଦିନ ଜୀବନର ଅନୁଭୂତି, ରୁଚି ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗଠନ କରାଯାଇପାରେ । ଏହି କ୍ରିୟାକଳାପରେ ମୂଲ୍ୟାଙ୍କନକାରୀ ଭାବେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଭାବନାର ସ୍ପଷ୍ଟ ଅଭିବ୍ୟକ୍ତି ନିମନ୍ତେ ସୁଯୋଗ ପ୍ରଦାନ କରିବା ଆବଶ୍ୟକ । ଅବଶ୍ୟ ଶିକ୍ଷକଙ୍କର ମଧ୍ୟ ଉତ୍ତମ ପ୍ରଶ୍ନ ପ୍ରସ୍ତୁତ କରିବାର ଦକ୍ଷତା ଥିବା ଆବଶ୍ୟକ । ଏହି ପ୍ରଶ୍ନୋତ୍ତର ବିଭାଗଟି ଭାଷାଜ୍ଞାନ, ଉଚ୍ଚାରଣ ଏବଂ ବାକ୍ୟ ଗଠନ ଇତ୍ୟାଦି ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କ ଦକ୍ଷତାର ମୂଲ୍ୟାଙ୍କନ କରିପାରିବ ।

### ଗଳ୍ପ କଥନ

ଶିକ୍ଷାର୍ଥୀମାନେ ସେମାନଙ୍କ ନିଜ ଭାଷା/ଶବ୍ଦ ବ୍ୟବହାର କରି ସେମାନେ ଶୁଣିଥିବା ତଥା ପଢିଥିବା ଗଳ୍ପ କହିପାରିବେ । ଯାହା ମୂଲ୍ୟାଙ୍କନର ମୁଖ୍ୟ ପଦ୍ଧତି ହୋଇପାରିବ । ଶିକ୍ଷାର୍ଥୀ ନିଜେ ସୃଷ୍ଟି କରିଥିବା ଗଳ୍ପ ମଧ୍ୟ ଏ କ୍ଷେତ୍ରରେ ଉପାଦେୟ । ମୂଲ୍ୟାଙ୍କନର ଏହି ଦିଗ ପ୍ରତି ଧ୍ୟାନ ଦେଇ ଆମେ ଅଭିବ୍ୟକ୍ତି, ଉପସ୍ଥାପନ ଏବଂ ଘଟଣାଗୁଡ଼ିକର କ୍ରମ ସମ୍ବନ୍ଧରେ ସ୍ମରଣ କରିବା ମଧ୍ୟ ମୂଲ୍ୟାଙ୍କନର ସୂଚକ ହୋଇପାରିବ ।

### ମୁକ୍ତ ପଠନ

ଶିକ୍ଷାର୍ଥୀମାନେ ଉଚ୍ଚସ୍ୱରରେ ପଠନ କରିବାର ଦକ୍ଷତା ମୂଲ୍ୟାୟନ କଲା ବେଳେ ତାଙ୍କର ଅର୍ଥପୂର୍ଣ୍ଣ ଉଚ୍ଚାରଣ, ସ୍ୱରଭଙ୍ଗୀ ବିଭିନ୍ନ ଶବ୍ଦର ସ୍ପଷ୍ଟୀକରଣକୁ ଗୁରୁତ୍ୱ ଦିଆଯାଇପାରେ । ଏହି ପରୀକ୍ଷାରେ ବିଭିନ୍ନ ଭାବାବେଗ ପ୍ରକାଶ କରୁଥିବା ବିଷୟବସ୍ତୁ, ଶବ୍ଦ, ଦୀର୍ଘ ଏବଂ ଲଘୁ କଥୋପକଥନ, ନାଟକର ଏକ ଅଂଶ ତଥା ପାଠ୍ୟପୁସ୍ତକର ଏକ ଅଂଶକୁ ଉଚ୍ଚଧ୍ୱନିରେ ପଠନ ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରାଯାଇପାରେ । ଯଦି ଜଣେ ଶିକ୍ଷାର୍ଥୀ ସଠିକ୍ ଭାବେ ଉଚ୍ଚାରଣ କରିପାରିନାହାନ୍ତି ଏବଂ ସଠିକ୍ ଅଭିବ୍ୟକ୍ତି ପ୍ରକାଶ କରିବାରେ ଅସମର୍ଥ ଜଣା ପଡୁଛନ୍ତି କିମ୍ବା ପ୍ରଶ୍ନବାଚକ ତଥା ବିସ୍ମୟସୂଚକ ବାକ୍ୟ ବ୍ୟବହାର ସମୟରେ କିଛି ଅସୁବିଧା ଜନକ ପରିସ୍ଥିତିର ସାମ୍ନା କରୁଛନ୍ତି, ତେବେ ତାଙ୍କୁ କୌଣସି ବାଧା ଦେବା ଅନୁଚିତ୍ । ବରଂ ଶିକ୍ଷାର୍ଥୀମାନେ କିପରି ସଠିକ୍ ଉଚ୍ଚାରଣ ଏବଂ ସଠିକ୍ କଥନ ଦକ୍ଷତାରେ ସିଦ୍ଧ ହେବେ, ତାହା ଆପଣମାନଙ୍କ ଉପରେ ନିର୍ଭର କରେ ।

### ଦେଖିଥିବା, ଶୁଣିଥିବା ଏବଂ ପଢିଥିବା ବିଷୟର ବ୍ୟାଖ୍ୟା

ଭାଷା ଦକ୍ଷତାର ମୂଲ୍ୟାଙ୍କନରେ ବ୍ୟାଖ୍ୟା କରିବା ଅତି ଗୁରୁତ୍ୱପୂର୍ଣ୍ଣ ଦିଗ । ପ୍ରାଥମିକ ଶ୍ରେଣୀର ପ୍ରାରମ୍ଭରେ ଶିକ୍ଷାର୍ଥୀଙ୍କୁ ଏକ ବସ୍ତୁ, ଏକ ଚିତ୍ର କିମ୍ବା କିଛି କ୍ରିୟା ସେମାନଙ୍କ ପରିଚିତ ପୃଷ୍ଠଭୂମିରେ ପ୍ରଦର୍ଶିତ କରାଯାଇ ଏହାର ବ୍ୟାଖ୍ୟା କରିବା ନିମନ୍ତେ କୁହାଯାଇପାରେ । ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ବ୍ୟାଖ୍ୟା କେବଳ ଗୋଟିଏ ବାକ୍ୟରୁ ଆରମ୍ଭ କରାଯାଇପାରେ ।

### ନିଜ ପ୍ରଗତିକୁ ପରଖି ଦେଖ-୪

୧. ଯଦି ଜଣେ ଶିକ୍ଷାର୍ଥୀ ସଠିକ୍ ଭାବେ ଉଚ୍ଚାରଣ କରିପାରୁନାହାନ୍ତି କିମ୍ବା ପ୍ରଶ୍ନବାଚକ ଚିହ୍ନ, ବିସ୍ମୟ ସୂଚକ ଚିହ୍ନ ଇତ୍ୟାଦି ସଠିକ୍ ଭାବେ ବ୍ୟବହାର କରିପାରୁ ନାହାନ୍ତି, ତେବେ ଶିକ୍ଷକ କଣ କରିବା ଆବଶ୍ୟକ ?

କ) ତତ୍କ୍ଷାଣାତ୍ ବାଧା ଦେବା ଉଚିତ୍ ।

ଖ) ସଠିକ୍ ଉଚ୍ଚାରଣ କରିବା ଉଚିତ୍ ।

ଗ) ସମାନ ଶବ୍ଦ ବ୍ୟବହାର କରିବା ଉଚିତ୍/ ଶବ୍ଦ ବାରମ୍ବାର ଉଚ୍ଚାରଣ କରିବା ଉଚିତ୍ ।

ଘ) ତତ୍କ୍ଷଣାତ୍ ବାଧା ସୃଷ୍ଟି କରିବା ଅନୁଚିତ୍ ।

୨. ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ପ୍ରଥମ ପାର୍ଯ୍ୟାୟରେ ପ୍ରଶ୍ନଗୁଡ଼ିକ କିଭଳି ହେବା ଉଚିତ୍ ?

୩. ନିମ୍ନୋକ୍ତ ଛବି ଏକ ଖେଳପଡିଆର ଅଟେ । ଏହି ଚିତ୍ରଟିକୁ ଦେଖି ଦ୍ୱିତୀୟ ଏବଂ ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀମାନେ ଏହା ସମ୍ବନ୍ଧରେ କଣ କହିବେ ଲେଖନ୍ତୁ ।



## ୧୦.୫.୨- ପର୍ଯ୍ୟବେକ୍ଷଣ

ଆପଣ ଯେତବେଳେ ଏକ ଶ୍ରେଣୀ ଗୃହରେ ଶିକ୍ଷାଦାନ କରୁଛନ୍ତି, ଆପଣ ଅନୌପଚାରିକ ଭାବେ ଶିକ୍ଷାର୍ଥୀମାନଙ୍କ ଉତ୍ତରକୁ ପର୍ଯ୍ୟବେକ୍ଷଣ କରୁଛନ୍ତି । ଏହି ପର୍ଯ୍ୟବେକ୍ଷଣ ଗୁଡିକ ଲିପିବଦ୍ଧ କରାଯିବାର ଆବଶ୍ୟକତା ଅଛି ।

ଲିପିଗୁଡିକ ଭାଷାରେ ଅଭିବ୍ୟକ୍ତ କରିବାର ଶକ୍ତି ତଥା ସ୍ୱାଧୀନ ଅଭିବ୍ୟକ୍ତିର ମୂଲ୍ୟାଙ୍କନ ଦିଗରେ ସହାୟକ ହେବେ । ମୂଲ୍ୟାଙ୍କ କିମ୍ବା ସ୍ତରାଙ୍କ ପ୍ରଦାନ ବ୍ୟତିରେକେ ଆମେ ୩ କିମ୍ବା ୫ ବିନ୍ଦୁ ବିଶିଷ୍ଟ ଏକ ମାପଦଣ୍ଡ ବ୍ୟବହାର କରିପାରିବା । ଯାହା ନିମ୍ନୋକ୍ତ ସାରଣୀ ମାଧ୍ୟମରେ ଉଦାହରଣସ୍ୱରୂପ ପ୍ରଦର୍ଶିତ ହୋଇଛି:

ଟିପ୍ପଣୀ

| ମୂଲ୍ୟାୟନ ପରିସର | ୧ | ୨ | ୩ | ୪ | ୫ |
|---|---|---|---|---|---|
| ଶବ୍ଦଜ୍ଞାନ | | ✔ | | | |
| ବାକ୍‌ପଟୁତା | | | | ✔ | |
| ଶବ୍ଦ ବିନ୍ୟାସ | | | ✔ | | |
| ଅଭିବ୍ୟକ୍ତି/ଭାବବ୍ୟକ୍ତ | | | | | ✔ |

ଏହି ସାରଣୀରେ ୫ ହେଉଛି କାର୍ଯ୍ୟ ସାଧନର ସର୍ବୋତ୍ତମ ଅଙ୍କ ଏବଂ ୩ ହେଉଛି ହାରାହାରି ଅଙ୍କ, ୨ ଏବଂ ଏହାଠାରୁ କମ୍ ଅଙ୍କ ଶିକ୍ଷାର୍ଥୀମାନଙ୍କୁ ଦକ୍ଷତା ହାସଲ କରିବାକୁ ଅଧିକ ସୁଯୋଗ ପ୍ରଦାନ କରିବାର ଆବଶ୍ୟକତା ସୂଚିତ କରୁଛି ।

**୧୦.୫.୩- ଲିଖିତ ପରୀକ୍ଷା**

ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ପ୍ରଶ୍ନପତ୍ରଟି ଏଭଳି ହେବା ଦରକାର ଯେ ଏହା ପଠନ, ବୋଧଗମ୍ୟତା, ପରିକଳ୍ପନା ତଥା ସୃଜନଶୀଳତା, ସ୍ୱାଧୀନ ଅଭିବ୍ୟକ୍ତି, ତର୍କ କରିବାର କ୍ଷମତା ଏବଂ ସଂକ୍ଷିପ୍ତ ଲିଖନ, ତୁଳନା କରିବାର ଦକ୍ଷତା, ଭିନ୍ନତାକୁ ବୁଝିବାର ଦକ୍ଷତା, ଇତ୍ୟାଦି ବିଷୟ ମୂଲ୍ୟାଙ୍କନ କରିପାରୁଥିବ । ଏହା ସ୍ମୃତିଶକ୍ତି ଅପେକ୍ଷା ଦକ୍ଷତାକୁ ଆକଳନ କରୁଥିବା ଦରକାର । ଏହା ଶିକ୍ଷାର୍ଥୀଙ୍କ ସମାଲୋଚନାଧର୍ମୀ, ପ୍ରତିଫଳନାତ୍ମକ ଦକ୍ଷତାକୁ ବୃଦ୍ଧି କରିବାରେ ସହାୟକ ହେବା ଉଚିତ୍ । ଏଭଳି ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ଯାହାକି ଶିକ୍ଷାର୍ଥୀଙ୍କ ବ୍ୟାଖ୍ୟା କରିବାର ଦକ୍ଷତାକୁ ବୃଦ୍ଧି କରିବ । ଶିକ୍ଷାର୍ଥୀମାନେ ଯେଭଳି ପାଠ୍ୟପୁସ୍ତକରେ ଥିବା ଭାଷାକୁ ଅବିକଳ ନ ଲେଖି ନିଜ ଭାଷା ବ୍ୟବହାର କରି ଲେଖିବେ । ଏହାଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ।

**ଶ୍ରୁତଲିଖନ**

ଭାଷା ଦକ୍ଷତାକୁ ମାପିବା ପାଇଁ ଶ୍ରୁତଲିଖନ ମଧ ଏକ ମାଧମ ରୂପେ ବ୍ୟବହାର କରାଯାଇପାରିବ । ଏହା କଥନ ଏବଂ ଶ୍ରବଣ ଦକ୍ଷତା ମାପିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ଅଟେ । କିନ୍ତୁ ଏହା ପାରମ୍ପରିକ ଶ୍ରୁତଲିଖନ ଠାରୁ ଭିନ୍ନ ହେବା ଆବଶ୍ୟକ । ସଂପ୍ରତି ଶ୍ରୁତଲିଖନ ଭାଷା ଦକ୍ଷତା ମାପିବାର ମାପକାଠି ଭାବେ ନୁହେଁ, ବରଂ ଭାଷା ଶିକ୍ଷଣର ଏକ ମାଧମ ରୂପେ ବ୍ୟବହୃତ ହେଉଛି । ଶ୍ରୁତଲିଖନ ଦକ୍ଷତାର ବୃଦ୍ଧି ନିମନ୍ତେ ତଥା ଦକ୍ଷତା ବୃଦ୍ଧି କରିବାର ଏକ ନକ୍ସା ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ ।

ଶ୍ରୁତଲିଖନ ତୃତୀୟ ଶ୍ରେଣୀରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ପାଇଁ ଏକ ଅଭ୍ୟାସ ପଦ୍ଧତି ରୂପେ ବ୍ୟବହାର ହୋଇପାରିବ । ଏଥି ପାଇଁ ଅନେକ ଯତ୍ନ ନେବା ଆବଶ୍ୟକ । ଏପରି ଅନୁଚ୍ଛେଦ ଚୟନ କରିବା ଆବଶ୍ୟକ ଯାହା ସମ୍ପୂର୍ଣ୍ଣ ହୋଇଥିବ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ଉପାଦେୟ ହୋଇଥିବ । ପରିଚ୍ଛେଦଟି ଗୋଟିଏ ସ୍ତର ଉର୍ଦ୍ଧ୍ୱ ହୋଇଥିବ ଏବଂ ଏକ ଅର୍ଥପ୍ରଦ ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ ହୋଇଥିବ । ଏହା ଦ୍ୱାରା ଆମେ ଶିକ୍ଷାର୍ଥୀ ଜଣକ ଶ୍ରେଣୀ ଗୃହ ବ୍ୟତିତ ନିଜ ଉଦ୍ୟମରେ କେତେଦୂର ଶିକ୍ଷାଲାଭ କରିପାରିଛନ୍ତି, ତାହା ଜାଣିପାରିବା । ଶ୍ରୁତଲିଖନର ସମୁଦାୟ ପଦ୍ଧତି ସଠିକ୍ ଭାବେ ସଂଗଠିତ ହୋଇ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ମଧ୍ୟରେ ହେବାର ଆବଶ୍ୟକତା ରହିଛି । ଏହି ପ୍ରକ୍ରିୟାକୁ ନିମ୍ନୋକ୍ତ ସୋପାନରେ ବିଭକ୍ତ କରାଯାଇପାରିବ ।

**ସୋପାନ-୧**

ଶିକ୍ଷକ ନିଶ୍ଚିତ ଭାବେ ଚୟନ କରାଯାଇଥିବା ଶବ୍ଦାବଳୀକୁ ସମାନ୍ତରାଳ ଭାବେ ପ୍ରକୃତ ଉଚ୍ଚାରଣ ଏବଂ ଭାବବ୍ୟକ୍ତର ସହ ସାଧାରଣ ବେଗରେ ପଢିବା ଉଚିତ୍ । ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀମାନେ ନିଶ୍ଚିତ ରୂପେ

ଶିକ୍ଷକ ଉଚ୍ଚାରଣ କରୁଥିବା ଶବ୍ଦଗୁଡିକୁ ଶୁଣିବା ଆବଶ୍ୟକ । ଲେଖିବାରେ ନୁହେଁ, ଏହା ସେମାନଙ୍କୁ ପରିଚ୍ଛେଦର ବିଷୟବସ୍ତୁକୁ ବୁଝିବାରେ ସହାୟକ ହେବ ଏବଂ ସେମାନେ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ।

**ସୋପାନ-୨**

ଏହି କ୍ରମରେ ପଢିସାରିବା ପରେ ଶିକ୍ଷକ ପରିଚ୍ଛେଦଟିକୁ ଅପେକ୍ଷାକୃତ ଧୀରେ ପଢିବା ଉଚିତ୍, ଯେପରିକି ଶିକ୍ଷାର୍ଥୀମାନେ ସହଜରେ ଶୁଣିପାରିବେ ଓ ଲେଖିପାରିବେ ।

**ସୋପାନ-୩**

ଶିକ୍ଷକ ଧୀରେ ଧୀରେ ପଠନ କରିବା ଦ୍ୱାରା ଭୁଲ୍ କରିଥିବା ବା ଭୁଲ୍ ପାଇଁ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବ ତାହାକୁ ସଂଶୋଧନ ବା ପୁରଣ କରିବା ପାଇଁ ଶିକ୍ଷାର୍ଥୀମାନେ ସୁଯୋଗ ପାଇପାରିବେ । ଶିକ୍ଷକ ଉଚ୍ଚ ସ୍ୱରରେ ପାଠ କରିଥିବା ଅନୁଚ୍ଛେଦକୁ ପୁର୍ନବାର ଧୀରେ ପାଠ କରିବେ । ଏହା ପିଲାମାନଙ୍କୁ ନିଜ ତ୍ରୁଟି ସଂଶୋଧନରେ ଯଥେଷ୍ଟ ସହାୟକ ହେବ ।

ପ୍ରତ୍ୟେକ ପାଠ୍ୟ ବିଷୟ ୬ରୁ ୮ ମିନିଟ୍ ବ୍ୟବଧାନରେ ରହିବା ଉଚିତ୍ । ଏହିଭଳି ଶ୍ରୁତଲିଖନ ଶିକ୍ଷାର୍ଥୀଙ୍କୁ ତାଙ୍କ ଭୁଲ୍ ଚିହ୍ନଟ ତଥା ସୁଧାରିବାରେ ସାହାଯ୍ୟ କରିଥାଏ । ଶିକ୍ଷାର୍ଥୀଜଣକ ନିଜ ନିଷ୍ପତ୍ତି ନେବାର ସାମର୍ଥ୍ୟ ବିଷୟରେ ତାଙ୍କ ଭୁଲ୍‌ରୁ ଶିକ୍ଷା କରିଥାନ୍ତି । ଶିକ୍ଷାର୍ଥୀ ଜଣକ ନିଜ ତ୍ରୁଟି ନିଜ ପୁସ୍ତିକାରେ ସୁଧାରିବା ଦ୍ୱାରା ଶିକ୍ଷକ ଜଣକ ତାଙ୍କର ପଠନସ୍ତର ସମ୍ବନ୍ଧରେ ଅବଗତ ହୁଅନ୍ତି । ଶିକ୍ଷକ ଜଣକ ଗୁରୁତର ଭୁଲ୍‌ଗୁଡିକୁ ପରଖିଲା ବେଳେ ମୂଖ୍ୟ ଭୁଲ୍ ଗୁଡିକୁ ଚିହ୍ନଟ କରିବା ଉଚିତ୍ ଏବଂ ତାହାକୁ ସୁଧାରିବା ପାଇଁ ଭବିଷ୍ୟତ କାର୍ଯ୍ୟ ନକ୍ସା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ତେଣୁ ଯଦି ଆମେ ଏକ ଶ୍ରୁତଲିଖନକୁ ସଠିକ୍ ଭାବରେ ସଞ୍ଚାଳନ କରିବା, ତେବେ ଏହା ଯେ କେବଳ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବ ତା'ନୁହେଁ ବରଂ ଶିକ୍ଷକମାନଙ୍କୁ ଶିକ୍ଷାର୍ଥୀଙ୍କ ସ୍ତର ମାପିବା ସଙ୍ଗେ ସଙ୍ଗେ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ ସହାୟକ ହେବ ।

**ନିଜ ପ୍ରଗତିକୁ ପରଖି ଦେଖ-୫**

ଶ୍ରବଣକଥନ ମୂଲ୍ୟାଙ୍କନର ମୁଖ୍ୟ ମାଧ୍ୟମ ହେଉଛି:

କ. କଥନ

ଖ. ଶ୍ରବଣ

ଗ. ଉଭୟ କଥନ ଓ ଶ୍ରବଣ

ଘ. ଶ୍ରୁତ ଲିଖନ

୨. ମୌଖିକ ପରୀକ୍ଷା ସମୟରେ କେଉଁ ସବୁ ଦକ୍ଷତା ମାପିବା ଆବଶ୍ୟକ ?

ଟିପ୍ପଣୀ

୩. ଜଣେ ଶିକ୍ଷକ ତାଙ୍କର ବନ୍ଧୁ ସହିତ କଥୋପକଥନ କରିବା ସମୟରେ କୁହନ୍ତି 'ଶିକ୍ଷାର୍ଥୀ ଜଣକ ଯାହା ଲେଖିଛନ୍ତି ତାହା ସମ୍ପୂର୍ଣ୍ଣ ଠିକ୍ କିନ୍ତୁ ମୁଁ କହିଥିବା ଶବ୍ଦାନୁଯାୟୀ ନୁହେଁ, ମୁଁ କଣ ମୂଲ୍ୟାଙ୍କନ କରିବି, ନମ୍ବର କାଟିବି ? ତୁମ୍ଭେ ଏହି ଶିକ୍ଷକଙ୍କୁ କଣ କହିବ ?

୪. ଆପଣ ଶ୍ରୁତଲିଖନର କିଛି ନୂତନ ବ୍ୟବହାର ଶିଖିଛନ୍ତି କି ? ତାହା ଉଲ୍ଲେଖ କରନ୍ତୁ ।

## ୧୦.୬ – ଗଦ୍ୟ,ପଦ୍ୟ ଏବଂ ନାଟକର ମୂଲ୍ୟାଙ୍କନ ସମ୍ବନ୍ଧରେ ଆବଶ୍ୟକୀୟ କ୍ରିୟାକଳାପ

ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଦକ୍ଷତା ମୂଲ୍ୟାଙ୍କନର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଛୁ । ଆମେ ବର୍ତ୍ତମାନ ଗଦ୍ୟ, ପଦ୍ୟ ଏବଂ ନାଟକର ଉଦାହରଣ ନେଇ କେଉଁ ପ୍ରକାରର ମୌଖିକ ଏବଂ ଲିଖିତ ପରୀକ୍ଷା ତଥା ପ୍ରଶ୍ନାବଳୀ ତିଆରି କରିହେବ ଏବଂ କେଉଁ ପ୍ରକାରର କ୍ରିୟାକଳାପ କରାଯାଇପାରିବ, ସେ ସମ୍ବନ୍ଧରେ ଆଲୋଚନା କରିବା ।

### ୧୦.୬.୧-ଅନୁଚ୍ଛେଦ

### କ୍ଲୋଜ୍ ଟେଷ୍ଟ

'କ୍ଲୋଜ୍ ଟେଷ୍ଟ' ଭାଷା ଦକ୍ଷତାର ମୂଲ୍ୟାଙ୍କନ କରିବା ନିମନ୍ତେ ଏକ ଉତ୍ତମ ମାଧ୍ୟମ ସବୁ ପ୍ରକାର ଭାଷା ଦକ୍ଷତାର ମୂଲ୍ୟାଙ୍କନ କରିବା ପାଇଁ ଏହାର ବ୍ୟବହାର କରାଯାଇପାରେ । ଶିକ୍ଷାର୍ଥୀମାନେ ଦ୍ରୁତ ଅବଧି ମଧ୍ୟରେ କିଛି ଶବ୍ଦ ଲିଖନ ପାଇଁ ଶବ୍ଦ ସ୍ଥାନରେ ଶୂନ୍ୟସ୍ଥାନ ଥିବା ଅନୁଚ୍ଛେଦଟିଏ ପାଇଥାନ୍ତି ।

କ୍ଲୋଜ୍ ଟେଷ୍ଟ ପାଇଁ ଚୟନ କରାଯାଇଥିବା ଅନୁଚ୍ଛେଦଟି ଏକ ସ୍ୱଷ୍ଟ ପୃଷ୍ଠଭୂମି ଉପରେ ଆଧାରିତ ହୋଇଥିବା ଆବଶ୍ୟକ ଏବଂ ସମ୍ପୂର୍ଣ୍ଣ ହୋଇଥିବା ଆବଶ୍ୟକ । ଚୟନ କରାଯାଇଥିବା ବିଷୟଟି ଆଗ୍ରହପୂର୍ଣ୍ଣ ତଥା ଆହ୍ୱାନମୂଳକ ହୋଇଥିବା ଆବଶ୍ୟକ ଏବଂ ଦ୍ୱିତୀୟ ଧାଡିଠାରୁ ପ୍ରତି ପଞ୍ଚମ/ଷଷ୍ଠ/ନବମ ଶବ୍ଦକୁ କାଢି ଦିଆଯିବା ଦରକାର । ବିଷୟବସ୍ତୁର ଶେଷ ବାକ୍ୟଟି ସେହିଭଳି ରହିବ । ପ୍ରତ୍ୟେକ ପରୀକ୍ଷାରେ ଅତି

କମ୍‌ରେ ୨୦ଟି ଶୂନ୍ୟସ୍ଥାନ ରହିବା ଦରକାର । ଶବ୍ଦ କାଢିବାର ଅନ୍ୟ ଏକ ଉପାୟ ହେଉଛି ଏକ ନିର୍ଦ୍ଦିଷ୍ଟ ବର୍ଗର ଶବ୍ଦକୁ କାଢି ଦେବା । ଉଦାହରଣସ୍ୱରୂପ କେବଳ କିଛି କ୍ରିୟା, କର୍ମ, ଅବ୍ୟୟ କିମ୍ବା ବିଶେଷ ଇତ୍ୟାଦି କ୍ଲୋଜ୍ ପଦ୍ଧତି ମାଧ୍ୟମରେ କାଢି ଦିଆଯାଇପାରେ । ଏହା ଆମକୁ ଶିକ୍ଷାର୍ଥୀଙ୍କ ଦକ୍ଷତାକୁ ମାପିବା ସହ ନିର୍ଦ୍ଦିଷ୍ଟ ବିଭାଗକୁ ନେଇ ଆମ ଶିକ୍ଷଣ ନିର୍ଦ୍ଧାରଣ କରିବାରେ ସହାୟକ ହୁଏ । ଶିକ୍ଷାର୍ଥୀମାନେ ପ୍ରଥମେ ପରିଚ୍ଛେଦଟିକୁ ୨ରୁ ୩ ଥର ଉତ୍ତମ ଭାବେ ପଢିସାରିବା ପରେ ଖାଲି ସ୍ଥାନ ପୂରଣ କରିବା ଉଚିତ୍ । ସେମାନେ ପ୍ରତ୍ୟେକ ଖାଲି ସ୍ଥାନରେ କେବଳ ଗୋଟିଏ ଶବ୍ଦ ପୂରଣ କରିବେ । ଏହି ପରୀକ୍ଷା ତୃତୀୟ ଶ୍ରେଣୀରୁ ଆରମ୍ଭ ହୋଇପାରିବ । ଶିକ୍ଷକ ଜଣକ ଶିକ୍ଷାର୍ଥୀଙ୍କୁ ବାରମ୍ବାର ଅଭ୍ୟାସ କରାଇ କ୍ରମଶଃ ଅଧିକ କଠିନ କାର୍ଯ୍ୟର ଅଭ୍ୟସ୍ତ କରାଇବା ଉଚିତ୍ । କ୍ଲୋଜ୍ ଟେଷ୍ଟ କରାଇବାର ଦୁଇଟି ଉପାୟ ଥାଇପାରେ । ପ୍ରଥମତଃ ତାହା କେବଳ ଯାହା ସଠିକ୍ ଯେଉଁଥିରେ ପିଲା ଲେଖିଥିବା ଶବ୍ଦ ମୂଳ ଲେଖାସହ ମିଶି ଯାଉଥିବ । କ୍ଲୋଜ୍ ଟେଷ୍ଟର ଏକ ଉଦାହରଣ ଏଠାରେ ଦିଆଗଲା ।

ପୋଖରୀରେ ଏକ କଇଁଛ ଏବଂ ଗାତରେ ରହୁଥିବା ଏକ କୋକିଶିଆଳ ଦୁହେଁ ଉତ୍ତମ ବନ୍ଧୁ ଥିଲେ । ଯେତେବେଳେ କଇଁଛ ଓ ବିଲୁଆ ପୋଖରୀ ହୁଡାରେ କଥା ହେଉଥିଲେ. ସେତେବେଳେ ଏକ ଚିତାବାଘ ସେ ସ୍ଥାନରେ ପହଂିଗଲା । କୋକିଶିଆଳ ଆତଙ୍କିତ ହୋଇ ପଳାୟନ କଲା । ବିଚରା କଇଁଛ ଦ୍ରୁତ ଗତିରେ ଯାଇପାରୁ ନ ଥିବା ଯୋଗୁ ନିଜକୁ ଲୁଚାଇପାରିଲା ନାହିଁ ବା ନିରାପଦରେ ଖସି ପାରିଲା ନାହିଁ । ଗୋଟିଏ ଝାମ୍ପରେ ଚିତାବାଘ କଇଁଛଙ୍କୁ ଧରି ପକାଇଲା ଏବଂ ପାଟିରେ ପୂରାଇ ଦେଇ କଇଁଛର ଶକ୍ତ ଖୋଳାପଟିକୁ ଦନ୍ତରେ କାମୁଡି ଭାଙ୍ଗିବାକୁ ଚେଷ୍ଟା କଲା କିନ୍ତୁ ପାରିଲା ନାହିଁ । ଏହି ସବୁ ଘଟଣା ନିକଟସ୍ଥ ଗାତରେ ଥାଇ ବିଲୁଆଟି ଦେଖୁଥାଏ । ବିଲୁଆଟି ଏହା ଦେଖି କଇଁଛକୁ ବଞ୍ଚାଇବାକୁ ଚେଷ୍ଟା କଲା ଏବଂ ଚିତାବାଘ ନିକଟକୁ ଆସି ପ୍ରାର୍ଥନା କରିବା ଛଳରେ କହିଲା, ମୁଁ ଏକ ଅତି ସହଜ ଉପାୟ ଜାଣିଛି ଯାହା କି ଆପଣଙ୍କୁ କଇଁଛର ଶକ୍ତ ଖୋଳପାରେ ଖୋଲିବାରେ ସାହାଯ୍ୟ କରିବ । ସେହି ଉପାୟଟି ହେଲା ଆପଣ କଇଁଛଟିକୁ ପାଣିରେ ଫିଙ୍ଗି ଦିଅନ୍ତୁ । ତା'ର ଖୋଳାପାଟି ପାଣିରେ ପଡି କୋମଳ ହୋଇଯିବ । ମୂର୍ଖ ଚିତାବାଘ ଏହା ଶୁଣି କହିଲା, " ମୁଁ କେବେ ଏହା ଭାବି ନ ଥିଲି । ଏକ ଉତ୍ତମ ଉପାୟ ।" ଏହା କହି ସେ କଇଁଛଟିକୁ ପୋଖରୀ ପାଣିରେ ଫିଙ୍ଗି ଦେଲା । କଇଁଛଟି ନିଜ ଜୀବନ ରକ୍ଷା ପାଇଁ ଏହାଠାରୁ ଅଧିକ କଣ କରିଥାନ୍ତା ?

### କ୍ଲୋଜ୍ ଟେଷ୍ଟ

ଏକ ପୋଖରୀ ଏକ କଇଁଛ ଏବଂ ଏକ ଗାତରେ ଥିବା ବିଲୁଆ ଦୁହେଁ ଉତ୍ତମ ବନ୍ଧୁ ଥିଲେ । ଥରେ ସେମାନେ ଯେତେବେଳେ ଅନେକ କଥାବାର୍ତ୍ତା ହେଉଥିଲେ( ୧ ) --------ପୋଖରୀ ନିକଟରେ ଗୋଟିଏ ( ୨ )………ପହଞ୍ଚି ଦୃଶ୍ୟମାନ ହେଲା ବୁିଲୁଆଟି ଭୟରେ (୩) ………ବିଚରା କଇଁଛଟି (୪) ……ଦୌଡିଲା ନିଜକୁ ରକ୍ଷା କରିବା ପାଇଁ ଏବଂ……(୫)…………ଗୋଟିଏ ଝାମ୍ପରେ ଚିତା ବାଘଟି(୬)……ନିଜ ମୁହଁରେ ଏବଂ ସ୍ଥିର ହୋଇଗଲା ଏକ ଗଛ(୭) ……ଖାଦ୍ୟ ଖାଇବା ପାଇଁ (୮) ………କିନ୍ତୁ ତାହାର ଦାନ୍ତ କିମ୍ୱା( ୯ ) ….ପଞ୍ଝା କଇଁଛର ଶକ୍ତ ଖୋଳପାରେ( ୧୦ )……କିଛି କରିପାରିଲା ନାହିଁ ।………ଟି( ୧ ୧ )ଠିକଣା ଘର ସଂଘର୍ଷକୁ ( ୧ ୨ ) ଗାତରେ….ଏବଂ ଭାବିଲା ଏକ ଉପାୟ( ୧୩)……କଇଁଛକୁ ବଂାଇବା ପାଇଁ ସମସ୍ତ ନମ୍ରତାର ସହିତ ତେଣୁ ସେ ଆସିଲା( ୧୪) …….ଚିତାବାଘଟିକୁ ( ୧୫)……..ଏବଂ କହିଲା ମୁଁ ଏକ ସହଜ( ୧୬) ……ଖୋଳପାଟି ଭାଙ୍ଗିବା ପାଇଁ ( ୧୭ ) ……ତାକୁ ପାଣିକୁ ଫିଙ୍ଗି ଦିଏ( ୧୮ )…….ଶୋଷି ହୋଇଯିବ ଏବଂ ( ୧୯ )….ଖୋଳପାକୁ ନରମ କରିଦେବ( ୨୦ )…..ମିନିଟ୍ କରି ଦେଖ । ମୂର୍ଖ୍ୟ ଚିତାବାଘଟି( ୨୧ )……..କେବେ ଭାବି ନଥିଲା



ଟିପ୍ପଣୀ

କି (୨୨)........ଉପାୟ ଏବଂ କଇଁଛକୁ (୨୩) ........ପୋଖରୀରେ । କଇଁଛଟି ଏହାଠାରୁ ଅଧିକ ଆଉ କଣ ଚାହିଁଥାନ୍ତା ?

ପରିଚ୍ଛେଦଟିକୁ ମୂଲ୍ୟାଙ୍କନ କରିବା ନିମନ୍ତେ କ୍ରିୟାପଳାପ

- ନିଜ ଭାଷାରେ ଏକ ଗଳ୍ପ ଲେଖନ୍ତୁ (ମାତୃଭାଷା /ଗୃହଭାଷା)।
- ଗଳ୍ପର ଏକ ଶୀର୍ଷ ଦିଅନ୍ତୁ ।

ଏହି କ୍ରିୟାକଳାପ ସମୟରେ ଶିକ୍ଷକ ଜଣକ ଶିକ୍ଷାର୍ଥୀମାନଙ୍କ ସହ କଥାବାର୍ତ୍ତା ହେବା ବିଧେୟ ଏବଂ ସେମାନଙ୍କୁ ପ୍ରଶ୍ନ ମଧ୍ୟ କରିବା ଉଚିତ୍ ଯେ ଏକାଧିକ ଶୀର୍ଷକ ବା ନାମ ମଧ୍ୟରୁ କେଉଁଟି ଉପଯୁକ୍ତ ?

- **ପ୍ରଶ୍ନ ଗଠନ**

ଏହା ଗୋଷ୍ଠୀ କିମ୍ବା ବ୍ୟକ୍ତିଗତ ସ୍ତରରେ କରାଯାଇପାରେ । ଯଦି କୌଣସି କାର୍ଯ୍ୟ ଗୋଷ୍ଠୀଗତ ଅଟେ, ତେବେ ଏକ ଗୋଷ୍ଠୀ ପ୍ରଶ୍ନ ଗଠନ କରିପାରେ ଏବଂ ଅନ୍ୟମାନେ ସେଗୁଡ଼ିକର ଉତ୍ତର ଦେବା ଆବଶ୍ୟକ । ନିମ୍ନୋକ୍ତ ଉଦାହରଣଗୁଡ଼ିକ ପରୀକ୍ଷାରେ ଦିଆଯାଇପାରେ:

୧. ବିଲୁଆଟି କାହିଁକି ଭୟରେ ପଳାଇଲା ?
୨. ବିଲୁଆଟି କଇଁଛକୁ ପାଣିରେ ଫିଙ୍ଗି ଦେବା ପାଇଁ କାହିଁକି ପ୍ରସ୍ତାବ ଦେଲା ?
୩. ଚିତାବାଘଟି କାହିଁକି କଇଁଛକୁ ଝାମ୍ପି ନେଲା ?
୪. ବାକ୍ୟଟିରେ ଚିତାବାଘକୁ କାହିଁକି ବୋକା ବୋଲି ଅଭିହିତ କରାଯାଇଛି ?
୫. ଚିତାବାଘ ଏବଂ ବିଲୁଆ ମଧ୍ୟରେ ସମ୍ପୂର୍ଣ୍ଣ କଥୋପକଥନକୁ ନିଜ ଭାଷାରେ ଲେଖନ୍ତୁ ।
୬. ଗଳ୍ପଟିରେ ଢ଼ଗଢ଼ମାଳି ଚିହ୍ନଟ କରନ୍ତୁ ଏବଂ ନୂତନ ବାକ୍ୟରେ ସେଗୁଡ଼ିକୁ ବ୍ୟବହାର କରନ୍ତୁ ।
୭. ଗଳ୍ପଟିକୁ କଥୋପକଥନରେ ପରିବର୍ତ୍ତନ କରନ୍ତୁ । ଶିକ୍ଷାର୍ଥୀ ମାନଙ୍କୁ ଗଳ୍ପର ବିଭିନ୍ନ ଦୃଶ୍ୟ ସମ୍ବନ୍ଧରେ ଲେଖିବା ପାଇଁ କୁହାଯିବା ଉଚିତ୍ । ଏହା ବିଭିନ୍ନ ଗୋଷ୍ଠୀରେ କରାଯାଇପାରେ ।

**୧୦.୬.୨- ପଦ୍ୟ**

**ରାଜେଶର ବିଶେଷ ବନ୍ଧୁ**

ଉପରେ ତଳେ ସବୁ ଜାଗାରେ
          ମୋ ଛାଇ ଭୂଇଁ ତଳେ
ମୁଁ ଯାହା କରେ ସେ ତାହା କରେ
          ଗୋଟିଏ ଛାଡି ମୋତେ ଦୁଇଟି କରେ
ମୁଁ ଯେତେବେଳେ ସମୁଦ୍ର କୂଳରେ ଦୌଡେ
          ସେ ମୋ ସହ ମୋ ହାତ ପାହନ୍ତାରେ ଥାଏ
ମୁଁ ଯେତେବେଳେ ବାଲି ଘର ତିଆରି କରେ
          ମୋ ପାଖରେ ଥାଏ
ମୁଁ ଯେତେବେଳେ ଏକ ଗଛ ଉପରେ ଚଢେ
          ସେ ତଥାପି ମୋ ପଛରେ ଆସିବା ପାଇଁ ଚେଷ୍ଟା କରେ
କିନ୍ତୁ ମୁଁ ତାଙ୍କୁ ଛାଇ ଭିତରେ ହଜାଇ ଦିଏ
          ଏହା ହୋଇପାରେ କି, କାରଣ ସେ ଭୟଭୀତ ?

କ) ଏହି ପ୍ରଶ୍ନର ମୂଲ୍ୟାଙ୍କନ ନିମ୍ନୋକ୍ତ ପ୍ରଶ୍ନାବଳୀ ସାହାଯ୍ୟରେ କରାଯାଇପାରେ,

୧. ରାଜେଶର ସ୍ୱତନ୍ତ୍ର ବନ୍ଧୁ କିଏ ?

## ଆକଳନ (ମୂଲ୍ୟାଙ୍କନ)

୨. ରାତ୍ର ସମୟରେ ରାଜେଶର ବନ୍ଧୁ କେଉଁଠି ଥାଏ ?

୩. ତୁମର ଏଭଳି ବନ୍ଧୁ ଅଛନ୍ତି କି ?

୪. ତୁମ ଯାହା କର, ତୁମ ଛାଇ ତାହା କରେ କି ?

୫. ଠିକ୍ ( ✔ ) ଚିହ୍ନ ଦ୍ୱାରା ସଠିକ୍ ଉତ୍ତରକୁ ଚିହ୍ନିତ କରନ୍ତୁ ।

ଖ) ରାଜେଶଙ୍କ ଛାୟା ପ୍ରସ୍ତୁତ ହୁଏ ଯେତେବେଳେ

୧). ବର୍ଷା ତାଙ୍କ ଉପରେ ପଡେ

୨). ଆଲୋକ ତାଙ୍କ ଉପରେ ପଡେ

୩). ରାତି ଅନ୍ଧାରରେ

୪). ମେଘ ମାଡ଼ିଆସେ ।

ଗ) ସେ ତା'ର ଛାୟାକୁ ହରାଇଥାଏ ।

୧). ସମୁଦ୍ର କୂଳରେ

୨). କ୍ଷେତରେ


୩). ବଗିଚାରେ

୪). ଛାଇରେ

ଘ). ଶ୍ରେଣୀରେ ଅଭିନୟ କରାଯାଉ

୧). ଚଢିବା ପାଇଁ ଉପରକୁ ଯିବା ପାଇଁ ଚେଷ୍ଟା କରିବି । ଆପଣ କିଭଳି ଭାବେ ଚଢିବାର ଅଭିନୟ କରିବେ ?

୨). ଏକ ଘୂର୍ଣ୍ଣାୟମାନ ଆଲୋକ ମଧ୍ୟରେ ଛାୟା କିଛଳି ଦେଖାଯିବ ?



ଙ). ଛାୟାର ବିଭିନ୍ନ ଗତିପଥ ସମ୍ବନ୍ଧରେ ପଦ୍ୟରେ ବ୍ୟବହୃତ ଶବ୍ଦଗୁଡିକ କଣ ?

ଚ). ଛାୟା କ୍ରିୟାକଳାପ

ଆପଣ ଜାଣିଛନ୍ତି କି କିଭଳି ଛାୟା ପ୍ରସ୍ତୁତ ହୁଏ ?

ଛାୟା ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ଆଲୋକ ଏକ ବସ୍ତୁ ଦ୍ୱାରା ବାଧାପ୍ରାପ୍ତ ହୁଏ । ଆପଣ ଏହା କରିପାରିବେ ।

୧. ଏକ ଅନ୍ଧାର କୋଠରୀରେ ଏକ କାନ୍ଥ ସମ୍ମୁଖରେ ଠିଆ ହୁଅନ୍ତୁ ।

୨. ଆପଣଙ୍କ ଉପରେ ଆଲୋକ ପ୍ରଦାନ କରିବା ନିମନ୍ତେ ଜଣେ କାହାକୁ କୁହନ୍ତୁ ।

୩. ତୁମ ଛାୟା କାନ୍ଥ ଉପରେ ସୃଷ୍ଟି ହେବ ।

୪. ବର୍ତ୍ତମାନ ଆପଣ ନିଜ ହାତ ବ୍ୟବହାର କରି କିଛି ଆକର୍ଷଣୀୟ ଛାୟା ଚିତ୍ର ସୃଷ୍ଟି କରନ୍ତୁ ।

ଛ). ଆପଣଙ୍କ ଛାୟା କିଭଳି ଦେଖାଯାଏ ତାହା ଆପଣ ଜାଣିଛନ୍ତି କି ? ଆପଣ ନିଜେ ନିଜର ଛାୟା ପ୍ରସ୍ତୁତ କରିପାରିବେ ?



ଟିପ୍ପଣୀ





୧.  ଏକ ସାଦା କାଗଜ ନେଇ କାନ୍ଥ ଉପରେ ଚିପକାନ୍ତୁ ।

୨.  କାନ୍ଥ ସମ୍ମୁଖରେ ଠିଆ ହୁଅନ୍ତୁ ।

୩.  ଆପଣଙ୍କ ଉପରେ ଆଲୋକପାତ କରିବା ପାଇଁ ଜଣେ କାହାକୁ କୁହନ୍ତୁ ।

୪.  ଆଉ ଜଣେ ବ୍ୟକ୍ତିଙ୍କୁ ଆପଣଙ୍କ ଛାୟାର ଏକ ପ୍ରାଚୀର ନକ୍ସ ସାଦା କାଗଜରେ କରିବା ପାଇଁ କୁହନ୍ତୁ ।

## ୬.୩- ନାଟକ

ଆମେ ଯେ କୌଣସି ଏକ ନାଟକ ପାଇଁ ଲେଖାଲେଖି କରିପାରିବା । ପ୍ରତ୍ୟେକ ଶିକ୍ଷାର୍ଥୀ ନାଟକର ସଂଳାପ ପ୍ରକାଶ କରିବା ପାଇଁ କେତେକ ପର୍ଯ୍ୟାୟ ପାଇବେ, ତାହା ସଂଳାପଗୁଡିକରେ କଣ ପ୍ରକାଶିତ ହେବ ତାହା ଉପରେ ନିର୍ଭର କରିଥାଏ । ଶିକ୍ଷାର୍ଥୀ ନିଜ ଚିନ୍ତାଧାରାକୁ ଭାବବ୍ୟକ୍ତ କରିପାରିଛନ୍ତି କି ନାହିଁ, ତାହା ଅନୁଧ୍ୟାନଯୋଗ୍ୟ ସେ ନାଟକରେ ବ୍ୟବହୃତ ଶବ୍ଦ ବ୍ୟତିତ ଅନ୍ୟ ଶବ୍ଦ ବ୍ୟବହାର କରିପାରୁଛନ୍ତି କି ? ସଂଳାପଗୁଡିକ ସରଳ କି ?ନାଟକର ଏହା ସବୁ ମୁଖ୍ୟବିନ୍ଦୁ ।

**ଗାୟକ ରାମ**

ଚରିତ୍ରଗୁଡିକ ହେଲେ     କ). ଗାୟକ ରାମ
                      ଖ). ମଧୁ, ରାମର ସ୍ତ୍ରୀ
                      ଗ). ପଡୋଶୀମାନେ

ରାମ: (ହାରମୋନିୟମ୍ ନେଇ ସଂଗୀତ ଆଭ୍ୟାସ କରିବାରେ ଲାଗିଲା)
ସାରେ,ଗା,ମା,ପାଧା,ନି,ସା.....

ପ୍ରଥମ ପଡୋଶୀ:  (ରାମଙ୍କ ସ୍ତ୍ରୀଙ୍କୁ କହୁଛନ୍ତି) ତୁମେ ତୁମ ସ୍ୱାମୀଙ୍କ ଗୀତ ବନ୍ଦ କରିବା ପାଇଁ କୁହ ।ଏହା ମୋ ମୁଣ୍ଡ ବ୍ୟଥାର କାରଣ ହେଉଛି ।

ଦ୍ୱିତୀୟ ପଡୋଶୀ: ସେ ନିଜକୁ ଜଣେ ଭଲ ଗାୟକ ଭାବୁଛନ୍ତି । କିନ୍ତୁ ଏହା ଅତି ବିକୃତ ।

ତୃତୀୟ ପଡୋଶୀ: ସେ ଗୀତ ଗାଆନ୍ତି ନାହିଁ, ସେ ବେଙ୍ଗ ଭଳି ଚିତ୍କାର କରନ୍ତି ।

ଚତୁର୍ଥ ପଡୋଶୀ:  ସେ ଅତି ଖରାପ(ପଡୋଶୀମାନେ ଚାଲି ଯାଆନ୍ତି)

ରାମ:  (ଗୀତ ଗାଇବା ଚାଲୁ ରଖନ୍ତି) ସା, ଏକ ମୃଗ, ଏକ ମୃଗୁଣୀ..

ଆଲୋକ -  ଏକ ସୁନେଲୀ ସୂର୍ଯ୍ୟକିରଣ

ମୁଁ -  ଏକ ନାମ ଯାହା ଦ୍ୱାରା ମୁଁ ନିଜକୁ ନାମିତ କରେ ।

ପ୍ରଥମ ପଡୋଶୀ:  ଆମର ସମସ୍ତ ଅନୁରୋଧ ଏକ ବଧିର କାନରେ ବାଜୁଛି ।

ଦ୍ୱିତୀୟ ପଡୋଶୀ: ଆମେ ତାକୁ ଏକ ଶିକ୍ଷା ଦେବା ଦରକାର ।

ତୃତୀୟ ପଡୋଶୀ: ତାଙ୍କୁ କିଛି ଫରକ୍ ପଡୁନି ।

ଚତୁର୍ଥ ପଡୋଶୀ:  (ଏକ ଜୋତା ରାମଙ୍କ ଆଡକୁ ଫିଙ୍ଗୁଛନ୍ତି)

ରାମ-  ଏହି ଗାଁରେ କେହି ମୋ ପ୍ରତିଭାର ପ୍ରଂଶସା କରନ୍ତି ନାହିଁ ।





ମଧୁ- ତୁମେ ଚିନ୍ତା କର ନାହିଁ । ସେ ବ୍ୟକ୍ତି ଜଣକ ଆମ ଆଡକୁ ଆଉ ଗୋଟେ ଜୋତା ଫୋପାଡିବ ଏବଂ ଆମ ନିକଟରେ ଏକ ହଳ ଜୋତା ରହିବ ।

୧. ଏହି ନାଟକର ଶୀର୍ଷକ ଆପଣ କଣ ଦେବାକୁ ଚାହିଁବେ ?

୨. ଏହି ନାଟକରେ କେଉଁ ଚରିତ୍ରଟିକୁ ଆପଣ ସର୍ବାଧିକ ପ୍ରଂଶସା କରନ୍ତି ।

୩. (କ) ରାମଙ୍କ ସ୍ତ୍ରୀର ନାମ କଣ ?

(ଖ) ମଧୁ ରାମଙ୍କ ସଂଗୀତକୁ ଉପଭୋଗ କରନ୍ତି କି ?

୪. ଚତୁର୍ଥ ପଡୋଶୀ ରାମଙ୍କ ଆଡକୁ ଏକ ଜୋତା ଫିଙ୍ଗନ୍ତି ଯଦି ଏହା ରାମଙ୍କ ମୁହଁ ଉପରେ ପଡେ,ତେବେ ତା ପରେ କଣ ହେବ ? ଏହି ବାକ୍ୟଟିକୁ ସେହି କ୍ରମରେ ହିଁ ସମ୍ପୂର୍ଣ୍ଣ କରନ୍ତୁ ।(ସଂଳାପ ରୂପରେ) ଯାହା ଏଠାରେ କୁହାଯାଇଛି ।

୫. ଆପଣ ଏବଂ ଆପଣଙ୍କ ବନ୍ଧୁ ମଧ୍ୟରେ ଏକ କଥୋପକଥନର ବ୍ୟାଖ୍ୟା ଲେଖନ୍ତୁ ଯାହାକି ଆପଣ ଉଭୟ ଖେଳୁଥିବା ଏକ କ୍ରୀଡା ସମ୍ବନ୍ଧିତ ହୋଇଥିବ ।

୬. ଏଭଳି ଏକ ଅନୁଚ୍ଛେଦ ଲେଖନ୍ତୁ ଯାହା ଆପଣଙ୍କ ଦୈନନ୍ଦିନ ଜୀବନରେ ଆପଣଙ୍କୁ ବିବ୍ରତ କରୁଥିବା ଘଟଣା ଉପରେ ଆଧାରିତ ହୋଇଥିବ ।

୭. ନାଟକ ବହି ବିଭିନ୍ନ ଗୋଷ୍ଠୀ ଦ୍ୱାରା ଅଭିନୀତ କରାନ୍ତୁ ।

**ଚତୁର ଭୋଲା**

ଚରିତ୍ରଗୁଡିକ ହେଲା: ଭୋଲା ଜଣେ ଗ୍ରାମବାସୀ
ଭୋଲାର ସ୍ତ୍ରୀ-ଦିବ୍ୟା
ଭୋଲାର ଛୁଆ
ଡବୁ ଜଣେ ଡକାୟତ

ପ୍ରସ୍ତାବକ:ଦିନେ ଭୋଲା ଏକ ନିକଟସ୍ଥ ଗ୍ରାମକୁ ଯାଉଥିଲେ । ତାଙ୍କୁ ଏକ ଘଞ୍ଜଙ୍ଗଲ ଅତିକ୍ରମ କରିବାର ଥିଲା । ହଠାତ୍ ଏକ ଶବ୍ଦ ତାଙ୍କୁ ଅଟକାଇ ଦେଲା ।

ଡବୁ: ରହିଯାଅ, ରହିଯାଅ ମୁଁ କହୁଛି ତୁମେ ଯଦି ହଲିବ, ମୁଁ ତୁମକୁ ଗୁଳି କରିଦେବି ।

ଦିବ୍ୟା: ଆମେ ଗରିବ ଲୋକ ଆମ ପାଖରେ କିଛି ନାହିଁ ।

ଡବୁ: ମୂର୍ଖ କୋଉଠିକାର ! ସମସ୍ତେ ସେୟା କୁହନ୍ତି, ଯାହା କିଛି ତୁମମାନଙ୍କ ପାଖରେ ଅଛି ଦିଅ । ନ ଦେଲେ ମୁଁ ତୁମ ସମସ୍ତଙ୍କୁ ହତ୍ୟା କରିଦେବି ।

ଭୋଲା: ନା ନା ଆମ ସମସ୍ତଙ୍କୁ ଛାଡି ଦିଅ । ମୁଁ ତୁମକୁ ମୋ ମୁଣା ଦେବି ।

ଡବୁ: ହା ! ହା ! ହା ! ଦେଖ ମୁଁ ତୁମମାନଙ୍କୁ କିଭଳି ବୋକା ବନାଇଲି । ଏହି ବନ୍ଧୁକରେ କିଛି ଗୁଳି ନାହିଁ । ..... ହା ହା ହା

ଭୋଲା: ହା ! ହା ! ହା ! ହା

ଡବୁ: ତୁ କଣ ପାଇଁ ହସୁଛୁ କିରେ ?

ଭୋଲା: ମୁଁ ମଧ୍ୟ ତୋତେ ବୋକା ବନାଇଲି । ସେହି ମୁଣାରେ କିଛି ବି ଟଙ୍କା ନାହିଁ ।

ଡବୁ: କଣ ?

ଟିପ୍ପଣୀ

ଭୋଳା: ତୁ ନିଜକୁ ଅତି ଚାଲାକ ଭାବୁଛୁ । ହା ହା ହା !

ପ୍ରଶ୍ନ :

୧. ଏହି ନାଟକର ଶିର୍ଷକ କଣ ହେବ ?

୨. ଆପଣ ଯଦି ଭୋଳା ହୋଇଥାନ୍ତେ ସେହି ପରିସ୍ଥିତିରେ କଣ କରିଥାନ୍ତେ ?

୩. କ). ଡବୁ ତା ସାଙ୍ଗରେ କଣ ନେଉଥିଲା ? କାହିଁକି ?

ଖ). ଦିବ୍ୟା କାହିଁକି କହିଲା ଯେ ସେମାନେ ଗରିବ ?

୪. ଯଦି ଡବୁ କିଛି ଗୁଳି ନେଇ ତାକୁ ବୋକା ବନେଇବା ପରେ କାଢିଦିଏ । ନାଟକଟିକୁ ସଂଳାପ ସାହାର୍ଯ୍ୟରେ ପୂରଣ କରନ୍ତୁ ।

୫. ନାଟକଟିକୁ ଗଳ୍ପ ରୂପରେ ଲେଖନ୍ତୁ ।

୬. ନାଟକଟିକୁ ଗୋଷ୍ଠୀରେ ଅଭିନୀତ କରାନ୍ତୁ ।

**ନିଜ ପ୍ରଗତିକୁ ପରଖି ଦେଖ-୬**

୧. ସମସ୍ତ ଭାଷାର ଦକ୍ଷତା ମୂଲ୍ୟାଙ୍କନ କରିବା ପାଇଁ କଣ ମାଧ୍ୟମ ରହିଛି ?

କ). ନିବନ୍ଧ ଲିଖନ

ଖ). ଗଳ୍ପ ଲିଖନ

ଗ). କ୍ଲୋଜ୍ ଟେଷ୍ଟ

ଘ). ଶ୍ରୁତ ଲିଖନ

୨. ଆପଣ କ୍ଲୋଜ୍ ଟେଷ୍ଟ ସମ୍ବନ୍ଧରେ ଯାହା ବୁଝନ୍ତି ଲେଖନ୍ତୁ ?

୩. କ୍ଲୋଜ୍ ଟେଷ୍ଟ କରିବା ସମୟରେ କଣ ମନରେ ରଖିବା ଆବଶ୍ୟକ ?

ଟିପ୍ପଣୀ

୪. ପଞ୍ଚମ ଶ୍ରେଣୀ ପାଇଁ ଏକ ଅନୁଚ୍ଛେଦ ଚୟନ କରନ୍ତୁ । ଏକ କ୍ଲୋଜ୍ ଟେଷ୍ଟ କରି ଏହାକୁ ଶ୍ରେଣୀ ଗୃହରେ ବ୍ୟବହାର କରନ୍ତୁ ଏବଂ ଭାଷା ଦକ୍ଷତାରେ ଥିବା ତ୍ରୁଟି ଚିହ୍ନଟ କରନ୍ତୁ ।

୫. ଶିକ୍ଷାର୍ଥୀମାନଙ୍କୁ ଏକ ନାଟକର କିଛି ଦୃଶ୍ୟକୁ ଗୋଷ୍ଠୀରେ ବିଭକ୍ତ ହୋଇ କରିବାକୁ କୁହନ୍ତୁ ଏବଂ ମୂଲ୍ୟାଙ୍କନ ମାପକ ବ୍ୟବହାର କରନ୍ତୁ, ଯାହାକି ସେମାନଙ୍କ ଆତ୍ମବିଶ୍ୱାସ, ଅଭିବ୍ୟକ୍ତି ସୂଚିତ କରୁଥିବ ଏବଂ ଏହାକୁ ସେହି ଅନୁସାରେ ବିଭକ୍ତ କରୁଥିବ ।

## ୧୦.୭- ସାରାଂଶ

ଏହି ଅଧ୍ୟାୟରେ ଆମେ ଶିଖିଲୁ ଯେ ପ୍ରଚଳିତ ମୂଲ୍ୟାଙ୍କନ ପଦ୍ଧତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ମୂଲ୍ୟାଙ୍କନ କେବଳ ବିଷୟବସ୍ତୁ ହେବା ଉଚିତ ନୁହେଁ ବରଂ ଭାଷାଜ୍ଞାନ ବିକାଶ ଏହାର ଲକ୍ଷ୍ୟ । ଏହା ପ୍ରଶଂସା ଆବଶ୍ୟକ କରେ ଏବଂ ପରିବର୍ତ୍ତନ ତଥା ଭାଷା ଦକ୍ଷତାର ବିକାଶ ମୁଲ୍ୟାଙ୍କନକୁ ସୂଚାଏ । ମୂଲ୍ୟାଙ୍କନର ପ୍ରକ୍ରିୟା ପାଠର ଆମୂଳଚୂଳ ଅବିରତ ଜାରି ରହିବା ଆବଶ୍ୟକ ଏବଂ ଏହା ବିଭିନ୍ନ ସୋପାନ ରହିପାରେ । ମୂଲ୍ୟାଙ୍କନ ପ୍ରକ୍ରିୟା ସଠିକ୍ ଭାବରେ ଲିପିବଦ୍ଧ ହେବା ଆବଶ୍ୟକ ଏବଂ ଶିକ୍ଷାର୍ଥୀମାନେ ଶିକ୍ଷଣରେ ବିବିଧତା ଏବଂ ପୃଷ୍ଠଭୂମିର ବିଭିନ୍ନତା ତଥା ସେମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ସୁଯୋଗ ପାଇବା ଉଚିତ୍ । ଏହି ଅଧ୍ୟାୟର ଆଲୋଚନା ଓ ପ୍ରସ୍ତବନା ସଂକ୍ଷେପରେ ନିମ୍ନରେ ଲେଖାଯାଇଛି । ଆପଣଙ୍କ ଅନୁଭବ ଓ ଅଭିଜ୍ଞତା ଭିତ୍ତିରେ ଆପଣ ଆହୁରି ଅନେକ ଯୋଗ କରିପାରନ୍ତି ।

୧. ମୂଲ୍ୟାଙ୍କନ ନିଜ ଦକ୍ଷତାକୁ ଆଧାର କରି ହେବା ଉଚିତ, ବିଷୟବସ୍ତୁ ଉପରେ ନୁହେଁ ।

୨. ପ୍ରାଥମିକସ୍ତରରେ ବାକ୍‌ଚାତୁତା, ସଠିକତାଠାରୁ ଗୁରୁତ୍ୱପୂର୍ଣ୍ଣ ।

୩. ବିଭିନ୍ନ ଦକ୍ଷତାର ମୂଲ୍ୟାଙ୍କନ ପାଇଁ ଆପଣ ବିଭିନ୍ନ କ୍ରିୟାକଳାପ ସମ୍ପାଦିତ କରିବାର ଆବଶ୍ୟକତା ନାହିଁ । ଗୋଟିଏ କ୍ରିୟାକଳାପ ଭାଷା ଶିକ୍ଷଣର ବିଭିନ୍ନ ପରିସର ମାପିବାରେ ସମର୍ଥ ହୋଇପାରେ ।

୪. ମୂଲ୍ୟାଙ୍କନ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଆବଶ୍ୟକତା ଏବଂ ବିବିଧତା ଅନୁଯାୟୀ ଶିକ୍ଷାଲାଭ କରିବାରେ ସାହାଯ୍ୟ କରିଥାଏ ।

୫. ମୂଲ୍ୟାଙ୍କନ ଅଧ୍ୟାୟ ବ୍ୟାପୀ ଚାଲିଥାଏ ଏବଂ ଶିକ୍ଷାର୍ଥୀଙ୍କ ପ୍ରଦର୍ଶନର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଥାଏ । ନିରନ୍ତର ମୂଲ୍ୟାଙ୍କନ କହିଲେ ଏହାକୁ ହିଁ ବୁଝାଏ ।

ଟିପ୍ପଣୀ

## ୧୦.୮. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


୧. ଏନ୍.ସି.ଇ.ଆର୍.ଟି, ୨୦୦୯ ମୂଲ୍ୟାଙ୍କନ ନିମନ୍ତେ ସହାୟକ ପୁସ୍ତିକା, ଏନ୍.ସି.ଇ.ଆର୍.ଟି, ନୂଆଦିଲ୍ଲୀ

୨. ଏନ୍.ସି.ଇ.ଆର୍.ଟି,୨୦୦୮ ପଠନର ବୋଧଗମ୍ୟତା, ଏନ୍.ସି.ଇ.ଆର୍.ଟି,ନୂଆଦିଲ୍ଲୀ

୩. ବିଦ୍ୟାଭବନ ସମାଜ,୨୦୦୯ କାଇଟସ୍ ସିରିଜ୍ ଶ୍ରେଣୀ ୧ରୁ ୮ ପର୍ଯ୍ୟନ୍ତ: ନୂଆଦିଲ୍ଲୀ ମାକ୍‌ମିଲନ୍


## ୧୦.୯- ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷାର୍ଥୀ, ଅଭିଭାବକ ଏବଂ ଶିକ୍ଷକମାନେ ପ୍ରଚଳିତ ମୂଲ୍ୟାଙ୍କନ ପଦ୍ଧତିରେ କେଉଁସବୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ?

୨. ମୂଲ୍ୟାଙ୍କନ କିପରି ଶିକ୍ଷକଙ୍କୁ ତାଙ୍କ ଶିକ୍ଷାଦାନ ପ୍ରଣାଳୀ ସମ୍ବନ୍ଧରେ ସାହାଯ୍ୟ କରିଥାଏ । ବୁଝାଇ ଲେଖନ୍ତୁ ।

୩. ଜଣେ ଶିକ୍ଷାର୍ଥୀର ବିକାଶ ଅନ୍ୟ ଶିକ୍ଷାର୍ଥୀଙ୍କ ବିକାଶ ସହିତ କାହିଁକି ତୁଳନା କରିବା ଉଚିତ୍ ନୁହେଁ ?

୪. ପ୍ରାଥମିକସ୍ତରରେ ବାକ୍‌ପଟୁତା ଏବଂ ସଠିକତା ମଧ୍ୟରେ ଆପଣ କାହାକୁ ଅଧିକ ଗୁରୁତ୍ୱ ଦେବେ ?

୫. ଭାଷା ଶିକ୍ଷଣରେ ମୁଖ୍ୟ ଦିଗଗୁଡିକ କ'ଣ ? ଭାଷା ଶିକ୍ଷଣ ମୂଲ୍ୟାୟନ ନିମନ୍ତେ କୌଣସି ଏକ ପ୍ରକ୍ରିୟାର ବର୍ଣ୍ଣନା କରନ୍ତୁ ।

### ତୁମପାଇଁ କାମ

ତୃତୀୟ ଶ୍ରେଣୀର ପାଠ୍ୟ ପୁସ୍ତକରୁ ଏକ ପରିଚ୍ଛେଦ, ଏକ ପଦ୍ୟ ଏବଂ ଏକ ନାଟକ ବାଛନ୍ତୁ ଏବଂ ମୂଲ୍ୟାଙ୍କନ ପାଇଁ ଉପଯୁକ୍ତ କ୍ରିୟାକଳାପ ପ୍ରସ୍ତୁତ କରନ୍ତୁ ।